

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

FRIDAY 29 JULY 2022

Yet Another Proof Of

LEADERSHIP

By The College Trusted for Academic Excellence & Outstanding Results

OUR CHSE RESULT - 2022

Sulagna

HIGHER SECONDARY SCHOOL

+2 SCIENCE RESIDENTIAL COLLEGE, BALASORE

Permanent Recognition & Affiliation, Govt. of Odisha

Rashmi- 566 10th Mark - 453

Gayatri- 565 10th Mark - 540

Bikash- 563 10th Mark - 556

Mrutyunjay- 554 10th Mark - 511

Rajkishore- 551 10th Mark - 528

Sushobhan- 549 10th Mark - 492

Pujarani- 545 10th Mark - 472

Uttam- 544 10th Mark - 451

Praneshu- 540 10th Mark - 550

Satyam- 540 10th Mark - 540

Soumya- 540 10th Mark - 491 NISER Rank-668

Sulagna +3 Science Degree College

HONS AVAILABLE

Physics, Chemistry Botany & Zoology

Result - 100%

1st Class - 100%

Appeared - 217

1st Division - 217

Above 540 -11

Above 500 - 51

Above 480 -106

Above 360 - 217

Campus- Sarita Nagar, MathaSahi, Balasore. Mob: 9853200320,7978702609, 7008050860, 7008251193, 7008084959

City Office : Sulagna Public School , Opp. F.M College, Bls., Mob: 9040529298, 7978474402, 9437266157

website :www.sulagnagroup.edu.in

ଗାଁସାଥୀଙ୍କ ଅଭିନବ ପ୍ରତିବାଦ ସଭା ଓ ଗଣଧାରଣା

ଭଦ୍ରକ,୨୮/୦୭ (ନି.ପ୍ର): ଭଦ୍ରକ ଜିଲ୍ଲାରେ ୨୦୦୮ରୁ ଏଯାବତ୍ ନିଯୁକ୍ତିର ନ୍ୟାୟ ଆଶାରେ ସଂଘର୍ଷ ଜାରି ରଖିଥିବା ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଗାଁସାଥୀମାନଙ୍କର ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସଂଗଠକମାନେ ଆଜି କେତେକ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହିତ ପ୍ରତିବାଦ ସଭା କରିଥିଲେ । ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡିଶା ପ୍ରଦେଶର ସଂଯୋଜକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ସଂଘର ୧୫ ଦଫା ଦାବି ଉପସ୍ଥାପନ କରାଯିବା ସହିତ ଜିଲ୍ଲାର ୫ଗୋଟି ପ୍ରମୁଖ ସାମାଜିକ ଦାବି ଉପସ୍ଥାପନ କରାଯାଇଥିଲା । ଓଡ଼ିଶାର ଗାଁସାଥୀ (ମେଟ୍)ଙ୍କୁ ଗ୍ରାମୀଣ ସ୍ତରରେ ପର୍ଯ୍ୟାପ୍ତ ସରକାରୀ କାର୍ଯ୍ୟ ପ୍ରଦାନ ସହିତ ମାସିକ ୮ହଜାର ଟଙ୍କାରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ସରକାର ଦେଇଥିବା ୩ଥର ପ୍ରତିଶ୍ରୁତି ପୂରଣ କରି ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ । ବର୍ଷବର୍ଷ ଧରି କାର୍ଯ୍ୟ କରି ପ୍ରାପ୍ୟ ପାଇ ନ ଥିବା ଗାଁସାଥୀ (ମେଟ୍)ଙ୍କୁ ତୁରନ୍ତ ପ୍ରଦାନ କରିବା, ମନରେଗାରେ ଗାଁସାଥୀ (ମେଟ୍)ଙ୍କୁ ଅଣଦେଖା ନକରିବା, ଜିଲ୍ଲାରେ ମନରେଗାରେ ହୋଇଥିବା ବ୍ୟାପକ ଦୁର୍ନୀତିର ସଠିକ୍ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଭଳି ସଂଘର ଦାବି ସହିତ ଭଦ୍ରକ ଜିଲ୍ଲାର ସାମାଜିକ ବିକାଶ ମୂଳକ ଦାବି ଭାବେ ଭଦ୍ରକ କଲେଜକୁ ନଭେମ୍ବର ୧ ସୁଦ୍ଧା ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ, ଭଦ୍ରକରେ ଏକ ମେଡ଼ିକାଲ କଲେଜ ସ୍ଥାପନ, ରାଣୀତାଲଠାରେ ଏକ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ଭଦ୍ରକ ବାଇପାସ୍ ଛକରେ କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହିତ ଏହାକୁ କାନ୍ତକବି ଗୋଲେଇ ନାମରେ ନାମିତ କରିବା, ଧାମରା ବନ୍ଦର ଠାରେ ଏକ ମତ୍ସ୍ୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବା ଭଳି ଦାବି ମଧ୍ୟ ଉପସ୍ଥାପନ କରାଯାଇଥିଲା । ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକର ତେସିଂଗା ଗ୍ରାମରେ ମନରେଗାରେ ହୋଇଥିବା ବ୍ୟାପକ ଦୁର୍ନୀତିକୁ ଗ୍ରାମବାସୀ ଧରିବା ସହିତ ଏ ନେଇ ପ୍ରଶାସନ ଓ ଗଣମାଧ୍ୟମର ଦୃଷ୍ଟିକୁ ଆଣିଥିଲେ ମଧ୍ୟ ପ୍ରଶାସନର ଉଦାସୀନତାକୁ ସଭାରେ ତୀବ୍ର ନିନ୍ଦା କରାଯାଇଥିଲା । ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଥିଲା ।

ଜିହାଦୀ ଲିଙ୍କରେ ମୌନ ମୁଫ୍‌ତି ମୁସ୍ତଫା ମୋଇରାବାରୀରୁ ଗିରଫ

ମୌରୀଗାଓଁ(ଆସାମ), ୨୮/୦୭ (ନି.ପ୍ର): ମଦ୍ରାସାରେ ଜିହାଦୀ ଗତିବିଧିର ତଥ୍ୟ ଆଗକୁ ଆସିବା ପରେ ଆସାମ ପୋଲିସ୍ ମୋଇରାବାରୀରେ ଜମିଉଲ ହୁଦା ମଦ୍ରାସାକୁ ସିଲ୍ କରିଦେଇଛି । ଏହାସହିତ ଗୁରୁବାର ଦିନ ମଦ୍ରାସାର ମୁଫ୍‌ତି ମୁସ୍ତଫାକୁ ଜିହାଦୀ ଲିଙ୍କମୈନର ଆରୋପରେ ଗିରଫଦାର କରିଛନ୍ତି । ମୋରିଗାଓଁ ଜିଲ୍ଲାର ମୋଇରାବାରୀର ମଦ୍ରାସାରେ ଜିହାଦୀ ଗତିବିଧିକୁ ସଂଚାଳିତ କରିବାର ଗମ୍ଭୀର ଅଭିଯୋଗ ଲଗାଯାଇଛି । ପୋଲିସ କହିଛି ଯେ ଜମିଉଲ ହୁଦା ମଦ୍ରାସାର ମୁଫ୍‌ତି ମୁସ୍ତଫା ଜିହାଦୀଙ୍କୁ ସିମ କାର୍ଡ଼ ମୁହେଁୟା କରିଥିଲା । ମୁଫତିଙ୍କ ବ୍ୟାଙ୍କ ପାସବୁକ୍‌ରେ ବଙ୍ଗଳାଦେଶରୁ ମନି ଲଣ୍ଡରିଂ ଡେଟାର ମଧ୍ୟ ଖୁଲାସା ହୋଇଥିଲା ।

ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର, ୨୦୧ମନୋନୀତ

ଖଇରା, ୨୮/୦୭ (ନି.ପ୍ର): ଓରମାସ ପକ୍ଷରୁ ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ପରିସରରେ ଦିନ ଦୟାଳ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ସଂପର୍କୀତ ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ବୁଧବାର ଦିବସ ବ୍ୟାପି ଅନୁଷ୍ଠିତ ହୋଇ ଯାଇଛି । ବିଡିଓ ପର୍ଶୁରାମ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ରଓ ସୁଷମା ମହାପାତ୍ର,ମଙ୍ଗଳ ସମ୍ପ୍ରସାରନ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ,ଏସଡିସି ମିହିର କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିକ୍ଷିତ ଯୁବତୀ ଯୁବକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଯୋଜନାର ଲାଭ ନେବାକୁ ଉପସ୍ଥିତ ଯୁବତୀଯୁବକ ମାନଙ୍କୁ ପରାମର୍ଶ ଦେଇଥିଲେ । ମୋଟ ୨୪୦ଜଣ ନିଯୁକ୍ତି ଆଶାୟୀ ନାମ ପଞ୍ଜିକରଣ କରିଥିବା ବେଳେ । ସମସ୍ତଙ୍କୁ ବାଲେଶ୍ୱର ଏବଂ ଭୁବନେଶ୍ୱରରେ ସପିଙ୍ଗ ମଲ, ସିଲେଇ, ଇଲେକ୍ଟ୍ରିସିଆନ, ହେଲଥକେଆର, ପାଣି ପାଇପ ମିସ୍ତ୍ରୀ ବିଷୟରେ ତାଲିମ ପାଇଁ ୨୦୧ଜଣଙ୍କୁ ମନୋନୀତ କରାଯାଇଥିଲା । ଓଡିଶା ଜିବିକା ମିଶନର ଖଇରା ବ୍ଲକ ପ୍ରକଳ୍ପ ପରିଚାଳକ ନିହାର ରଞ୍ଜନ ଜେନା,ବିପିସି ପ୍ରସନ୍ନ କୁମାର ଗାହାଣ, ବିଏଲସି ଆର୍ତ୍ତବନ୍ଧୁ ଦାସ, ବିପିଏ ସଞ୍ଜୟ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ସମସ୍ତ ପଞ୍ଚାୟତର ଏମ୍‌ବିକେ, ଏଲ୍‌ଏସ୍‌ପି, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣିମିତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଗାନ୍ଧୀ ସେବା ରତ୍ନ ସମ୍ମାନ ପାଇଲେ ସ୍ୱେଚ୍ଛାସେବୀ ନିରୋଜ

ବାରିପଦା, ୨୮/୦୭ (ନି.ପ୍ର): ଗାନ୍ଧୀ ସେବା ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି ବାରିପଦାର ବିଶିଷ୍ଟ ସ୍ୱେଚ୍ଛାସେବୀ ତଥା ରକ୍ତଦାତା ନିରୋଜ କୁମାର ପୋଥାଳ । ମଧ୍ୟପ୍ରଦେଶର ଭୋପାଳ ଠାରେ ୱାକ ପିପୁଲ କାଉନସିଲ ପକ୍ଷରୁ ଅନୁଷ୍ଠିତ ସର୍ବଭାରତୀୟ ସ୍ତରର ସମ୍ମାନ ଉତ୍ସବରେ ନିରୋଜ ସମ୍ବର୍ଦ୍ଧିତ ହୋଇଛନ୍ତି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମୁମ୍ବାଇ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ହାସ୍ୟ ଅଭିନେତା ଡ଼ ରାଜପାଲ ଯାଦବ, ସମ୍ମାନନୀୟ ଅତିଥି ଭାବେ ଡ଼ ସୌରଭ ପାଣ୍ଡେ ,ୱାକ ପିପୁଲ କାଉନସିଲର ପ୍ରତିଷ୍ଠାତା ସଭାପତି ଡ଼. ବିଜୟ ବଜାଜ ଓ ଡ଼ ଜ୍ୟୋତି ବଜାଜଙ୍କ ସହିତ ବହୁ ବିଶିଷ୍ଟ ମାନ୍ୟଗନ୍ୟ ବ୍ୟକ୍ତି ବିଶେଷଙ୍କ ଠାରୁ ଓଡ଼ିଶାର ବିଶିଷ୍ଟ ସମାଜସେବୀ ଭାବରେ ମୟୂରଭଞ୍ଜ ଜିଲ୍ଲାର ଡ଼ ନିରୋଜ କୁମାର ପୋଥାଳଙ୍କୁ ସମାଜ ସେବା ଓ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସମ୍ମାନଜନକ 'ଗାନ୍ଧୀ ସେବା ରତ୍ନ ଆୱାର୍ଡ଼ ୨୦୨୨'ପ୍ରଦାନ କରାଯାଇଛି । ଡ଼ ପୋଥାଳ ଏହି ଆୱାର୍ଡ଼ ପାଇବା ପରେ ବାରିପଦା ଠାରେ ଜିଲ୍ଲାର ବିଭିନ୍ନ ବ୍ୟକ୍ତିବିଶେଷ ତ ଥା ସଂଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛାଜ୍ଞାପନ କରାଯାଇଛି ।

ଶାନ୍ତିକାନନରେ କହ୍ନେଇଲାଲଙ୍କ ଶ୍ରାଦ୍ଧ ଦିବସ

ବାଲେଶ୍ୱର,୨୮/୦୭ (ନି.ପ୍ର): କଥାକାର କହ୍ନେଇଲାଲ ଦାସ ତାଙ୍କର ୨୮ ବର୍ଷର ଜୀବନକାଳ ମଧ୍ୟରେ ମାତ୍ର ୭/୮ବର୍ଷ ଗଳ୍ପ ରଚନା କରିବାରେ ମନୋନିବେଶ କରିଥିଲେ । ନିଜ ଜୀବନର ସମସ୍ତ ଦୁଃଖ ଯନ୍ତ୍ରଣା ପ୍ରେମ ଓ ପ୍ରଣୟ ଏକ ନୂତନ ଶୈଳୀ ନେଇ ତାଙ୍କ ଗଳ୍ପରେ ପରିପ୍ରକାଶିତ ହୋଇଥିଲା । ତାଙ୍କ ଗଳ୍ପ ରଚନାର ଶୈଳୀ ପୂର୍ବରୁ କାହା ପାଖରେ ନଥିଲା ଓ ପରବର୍ତ୍ତୀ ସମୟରେ କାହାରି ପାଖରେ ସୃଷ୍ଟିହୋଇନାହିଁ ବୋଲି ବୁଧବାର ସନ୍ଧ୍ୟାରେ ଶାନ୍ତିକାନନରେ ଅନୁଷ୍ଠିତ ହୋଇଥିବା କହ୍ନେଇଙ୍କର ୪୭ତମ ଶ୍ରାଦ୍ଧଦିବସରେ ବକ୍ତାମାନେ ମତପ୍ରକାଶ କରିଥିଲେ । ଶ୍ରାଦ୍ଧସଭାରେ ପରିଷଦର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରି କହ୍ନେଇଙ୍କର କୃତିକୁ କାଳ କେବେ ଖଣ୍ଡନ କରିପାରିବନାହିଁ ବୋଲି କହିଥିଲେ । ପୂର୍ବତନ ଅଧ୍ୟକ୍ଷ ଓ ସ୍ତମ୍ଭକାର ଡ.ସୁବାସଚନ୍ଦ୍ର ପାତ୍ର କୌଣସି ନିଷିଦ୍ଧତା କହ୍ନେଇଙ୍କୁ ଅଟକାଇ ପାରିନାହିଁ ବୋଲି ପ୍ରକାଶ କରି ଅପାରମ୍ପରିକଭାବରେ ସେ ନୂତନ ଶୈଳୀ ସୃଷ୍ଟି କରିଯାଇଛନ୍ତି ବୋଲି କହିଥିଲେ ଓ କିଟ୍‌ସ୍ ପ୍ରଭୃତି ଇଂରେଜ କବିମାନଙ୍କ ସହ ତାଙ୍କର ସାମଞ୍ଜସ୍ୟ ଉପସ୍ଥାପନ କରିଥିଲେ । ଗାଳ୍ପିକ ନିବାରଣ ଜେନା କହ୍ନେଇଙ୍କ ସାରସ୍ୱତ କୃତିଗୁଡ଼ିକର ଚର୍ଚ୍ଚା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଗଳ୍ପାଂଶକୁ ଉଦାହରଣ ଭାବରେ ପ୍ରଦାନ କରିଥିଲେ । କହ୍ନେଇଙ୍କ ଉପରେ ଗବେଷଣା କରିଥିବା ଯୁବ ଅଧ୍ୟାପକ ଗଣେଶ୍ୱର ମହାନ୍ତି ତାଙ୍କ କଥା ସାହିତ୍ୟକୁ ତର୍ଜମା କରିବା ସହ ଦୁଇଗୋଟି ଉପନ୍ୟାସକୁ ବିସ୍ତୃତଭାବରେ ବ୍ୟାଖ୍ୟା କରିଥିଲେ । ଗାଳ୍ପିକ ଉଦୟ ନାରାୟଣ ଦାସ କହ୍ନେଇଙ୍କ ସହ ସମ୍ପର୍କରେ ଆସିଥିବା କେତେକ ସାହିତ୍ୟିକଙ୍କ ବିଷୟରେ ଅବତାରଣା କରିବା ସହ ତାଙ୍କ ଗଳ୍ପରଚନା କ୍ଷେତ୍ରରେ କହ୍ନେଇଙ୍କର ମଧ୍ୟ ପ୍ରଭାବ ରହିଛି ବୋଲି ସ୍ୱୀକାର କରିଥିଲେ । ଡ.ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ଗୋଟିଏ ଦିନରେ ୧୦୩୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୮/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୩୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୧୦୧୧୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୭୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୯୩୯୫୧ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୯୭୪ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୬୦୩ ଜଣ ସଂଗରୋଧରୁ ଓ ୪୨୭ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୩, ବାଲେଶ୍ୱର ଜିଲ୍ଲାରେ ୨୩, ବରଗଡ ଜିଲ୍ଲାରେ ୨୨, ଭଦ୍ରକ ଜିଲ୍ଲାରେ ୧୧, ବଲାଙ୍ଗୀର ଜିଲ୍ଲାରେ ୩୫, ବୌଦ୍ଧ ଜିଲ୍ଲାରେ ୧୨, କଟକ ଜିଲ୍ଲାରେ ୫୦. ଦେବଗଡ, ଜିଲ୍ଲାରେ ୯, ଢେଙ୍କାନାଳ ଜିଲ୍ଲାରେ ୩, ଗଜପତି ଜିଲ୍ଲାରେ ୭ , ଜଗତସିଂହପୁର ଜିଲ୍ଲାରେ ୭, ଯାଜପୁର ଜିଲ୍ଲାରେ ୧୯, ଝାରସୁଗୁଡା ଜିଲ୍ଲାରେ ୨୧ . କଳାହାଣ୍ଡି ଜିଲ୍ଲାରେ ୨୬, କନ୍ଧମାଳ ଜିଲ୍ଲାରେ ୨୩, କେନ୍ଦ୍ରାପଡା ଜିଲ୍ଲାରେ ୧୭, କେନ୍ଦୁଝର ଜିଲ୍ଲାରେ ୧୩, ଖୋର୍ଧା ଜିଲ୍ଲାରେ ୧୬୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୧୭, ମୟୁରଭଂଜ ଜିଲ୍ଲାରେ ୧୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ଅରୁଣୋଦୟ କଲେଜର ସଫଳତା

ବାରିପଦା,୨୮/୦୭ (ନି.ପ୍ର): ଆଜି ଚଳିତ ବର୍ଷ ବିଜ୍ଞାନ ପରୀକ୍ଷାର ଫଳ ପ୍ରକାଶିତ ହୋଇଅଛି । ଯେଉଁଥିରେ କି ଅରୁଣୋଦୟ କଲେଜ ଏକ ଐତିହାସିକ ସଫଳତା ହାସଲ କରିଛି । ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଜ୍ୟୋତିସ୍ମିତା ବେହେରା(୫୫୬), ଦ୍ୱିତୀୟ ସ୍ଥାନରେ ଅଭିଷେକ ମହାନ୍ତ(୫୨୫) ତୃତୀୟ ସ୍ଥାନରେ ଓମପ୍ରକାଶ ବେହେରା(୫୧୯) ନମ୍ବର ରଖି ଉତ୍ତିର୍ଣ୍ଣ ହୋଇଛନ୍ତି ଏବଂ କଲେଜ କଚିଂରେ ଥିବା ପ୍ରତ୍ୟାସା ବାରିକ(୫୬୨) କଳ୍ପନା ମହାନ୍ତ (୫୫୯) ବବିତା ବେହେରା (୫୫୭) ଏବଂ ଅଭିଷେକ ଜେନା (୫୪୯) ନମ୍ବର ରଖିଛନ୍ତି । ମୋଟ ୧୦୪ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୬ଜଣ ପ୍ରଥମ ଶ୍ରେଣୀରେ ଏବଂ ୮ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇ ମହାବିଦ୍ୟାଳୟର ୧୦୦% ଫଳରଖି ସାରା ମୟୂରଭଞ୍ଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।

ଆୟୁର୍ବେଦ ଡାକ୍ତରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର,୨୮/୦୭ (ନି.ପ୍ର): ଓଡ଼ିଶା ସରକାରୀ ଆୟୁର୍ବେଦିକ ଓ ୟୁନାନୀ ଚିକିତ୍ସକ ସଂଘ (ଓଗାପା) ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରାଣୀପାଟଣା ଆମନ୍ତ୍ରଣ କଲ୍ୟାଣମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଆୟୁର୍ବେଦ ଅଧିକାରୀ ଡାକ୍ତର ଅଜୟ କୁମାର ଷେଣ୍ଡ ଏଥିରେ ଅଧ୍ୟକ୍ଷତା କରିଥିଲେ । ଭୁବନେଶ୍ୱର ଆୟୁର୍ବେଦ ହସପିଟାଲ ଉପ-ଅଧୀକ୍ଷକ ଡାକ୍ତର ନିରଂଜନ ଓଝା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଜଣେ ଡାକ୍ତର ଚାକିରିରୁ ଅବସର ନେଉଥିଲେ ବି ଜୀବନ ତମାମ ସେ ତା'ର କାର୍ଯ୍ୟ ଜାରି ରଖିବ । ଡାକ୍ତରଙ୍କ ପାଇଁ ଅବସରର ପ୍ରାସଙ୍ଗିକତା କିଛି ନାହିଁ ବୋଲି ଡାକ୍ତର ଓଝା କହିଥିଲେ । ଓଗାପାର ରାଜ୍ୟ ସମ୍ପାଦକ ଡାକ୍ତର ଚିତ୍ତରଞ୍ଜନ ବେହେରା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନ ଧାରାରେ ଅବସରର ଯଥାର୍ଥତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଅବସରପ୍ରାପ୍ତ ଆୟୁର୍ବେଦ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜିତା କୁମାରୀ ତ୍ରିପାଠୀ, ବରିଷ୍ଠ ସେକ୍ସନ ଅଫିସର ହିମାଂଶୁ ଶେଖର ଦାସ ଓ ଆୟୁର୍ବଦ ସହାୟକ ନିରଞ୍ଜନ ରାଉତଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଆୟୁର୍ବେଦ ଚିକିତ୍ସକ ସଂଘ ମଣ୍ଡଳ ସଭାପତି ଡାକ୍ତର ଅନୀଲ କୁମାର ଦାସ ଏଥିରେ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଡାକ୍ତର ରାଜୀବ କୁମାର ମାଝୀ, ଡାକ୍ତର ଏସଏମ ଅଲି ପ୍ରମୁଖ ଏଥିରେ ମଞ୍ଚ ପରିଚାଳନା କରିଥିଲେ । ଡାକ୍ତର ସମୀର ଛୋଟେଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଡାକ୍ତର ସବ୍ୟସାଚୀ ମଣ୍ଡଳ, ଡାକ୍ତର ସୁଭଦ୍ରା ବେହେରା, ଡାକ୍ତର ଜୟନ୍ତ ପ୍ରଧାନ, ଡାକ୍ତର ସିପ୍ରା ମହାନ୍ତି, ଡାକ୍ତର ଶେଖ ରହେମାନ, ଡାକ୍ତର ଘନଶ୍ୟାମ ଧଳ, ଡାକ୍ତର ଜ୍ୟୋତିପ୍ରକାଶ ମଲିକ, ଡାକ୍ତର କୁନୁ ମାର୍ଶାଲ ହାଁସଦା, ଡାକ୍ତର ଦୁର୍ଗେଶନନ୍ଦିନୀ ବାସ୍କେ, ଡାକ୍ତର ବିନୁପମା ମାଝୀ, ଡାକ୍ତର ତପସ୍ୱିନୀ ମିଶ୍ର, ଡାକ୍ତର ଜ୍ୟୋତିକାନ୍ତ ମିଶ୍ର, ଡାକ୍ତର ଲକ୍ଷ୍ମୀଧର ପାତ୍ର, ଡାକ୍ତର ନିରୂପମା ଜେନା, ଡାକ୍ତର ମିନତୀପ୍ରଭା ଦାସ, ଡାକ୍ତର ଗୁରୁ ପ୍ରସନ୍ନ ସାମଲ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

କଂଗ୍ରେସ ନେତାଙ୍କ ଅଶ୍ଳୀଳ ମନ୍ତବ୍ୟକୁ ନେଇ ବିଜେପିର ବିରୋଧ

ବାଲେଶ୍ୱର,୨୮/୦୭ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ଅଶ୍ଳୀଳ ସମ୍ବୋଧନକୁ ନେଇ ସଦର ବିଜେପି ପ୍ରତିବାଦ କରିଛି । ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ବିଜେପି କର୍ମୀ ଓ ସମର୍ଥକମାନେ ନଗ୍ରମ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦେଶରେ ପ୍ରଥମ ଥର ପାଇଁ ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ଓଡ଼ିଶାର ଆଦିବାସୀ କନ୍ୟାଙ୍କ ପ୍ରତି କଂଗ୍ରେସ ନେତା କଟୁ ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ଦତ୍ତ କହିଛନ୍ତି । ଅଧୀର ରଞ୍ଜନ ଚୌଧୁରୀଙ୍କ ହୀନ ମାନସିକତାର ପ୍ରତିଫଳିତ ହୋଇଛି । ଏନେଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କ ସମେତ ସମଗ୍ର ଆଦିବାସୀ ସମ୍ପ୍ରଦାୟକୁ କ୍ଷମା ମାଗନ୍ତୁ ବୋଲି ସଦର ବିଜେପି କାର୍ଯ୍ୟକର୍ତ୍ତାମାନେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ବନିତା ଭୂୟାଁ, ସମତିସଭ୍ୟ ରଞ୍ଜନ ପାଣି, ଜିଲା ପରିଷଦ ସଭ୍ୟ ଗୟାଧର ବେହେରା, ପ୍ରଶାନ୍ତ ନାୟକ, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ମହାନ୍ତି, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ମଣ୍ଡଳ ସଭାପତି କାଉିକ ରାଉତ, ମଣ୍ଡଳ ପ୍ରଭାରୀ ଗୌରାଙ୍ଗ ଦାସ, ବାବାଜି ପାଣି, ହରିଶ ସାହାଣୀ, ସର୍ବେଶ୍ୱର ବୁଗୁଡାଇ, ଶଙ୍କରା ମାଝୀ, ଟୁଙ୍କୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

ସମୁଦ



ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ.....

website : www.dhwanipratidhwani.net

email: pratidhwani.dhwani@gmail.com

ପୃଷ୍ଠା-୩

ବାଲେଶ୍ୱର ■ ଶୁକ୍ରବାର, ୨୯ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 29 JULY 2022

Vol.No. 35 ■ No. 197 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଙ୍ଗଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧

କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ 'ରାଷ୍ଟ୍ରପତ୍ନୀ' ବୟାନକୁ ନେଇ ସଂସଦରେ ଝଡ



ନୂଆଦିଲ୍ଲୀ, ୨୮/୦୭ : ଲୋକସଭାର ବିରୋଧୀ ଦଳ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ଏକ ବୟାନକୁ ନେଇ ସଂସଦରେ ଉଠିଲା ଝଡ । ଲୋକସଭାରେ କଂଗ୍ରେସ ନେତାଙ୍କ ଆଚରଣକୁ ନେଇ ବର୍ଷିଛନ୍ତି କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ । ସଂସଦ ବାହାରେ ମଧ୍ୟ ପ୍ଲାକାର୍ଡ ଧରି କଂଗ୍ରେସ ନେତାଙ୍କୁ ଘେରିଛନ୍ତି କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତ୍ନୀ କହି ସମ୍ବୋଧନ କରିଥିଲେ କଂଗ୍ରେସ ନେତା ଅଧିର ରଞ୍ଜନ । ସୋନିଆ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି ଜେରା କରିବା ବେଳେ କଂଗ୍ରେସ ସାଂସଦ ଅଧୀର ରଞ୍ଜନ ଚୌଧୁରୀଙ୍କ ଏହି ପ୍ରତିକ୍ରିୟା ରଖିଥିଲେ । ତେବେ ଏହା ଭୁଲବଶତଃ ଥିଲା ନା ଜାଣିଶୁଣି ସେ କହିଥିଲେ ତାକୁ ନେଇ ବିବାଦ ବଢିଛି । ଆଜି ସଂସଦ ଭିତରେ ଏବଂ ବାହାରେ ଦୁଇଟି ଚିତ୍ର ଦେଖିବାକୁ ମିଳିଥିଲା । ଗୋଟିଏ ପଟେ ଲୋକସଭାରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କଂଗ୍ରେସ ନେତାଙ୍କ ଆଚରଣକୁ ନେଇ ବର୍ଷିଛନ୍ତି । ଅନ୍ୟପଟେ ପ୍ଲାକାର୍ଡ ଧରି କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ କିଛି ସାଂସଦ କଂଗ୍ରେସ ନେତାଙ୍କୁ ଘେରିଛନ୍ତି । ଅଧୀରଙ୍କ ବୟାନ ଦେଶର ସର୍ବୋଚ୍ଚ ପଦବୀରେ ବସିଥିବା ବ୍ୟକ୍ତିଙ୍କୁ ଅପମାନ । ଏପରି ଅଶୋଭନୀୟ ବୟାନକୁ ଦେଶ କେବେ ସହିବ ନାହିଁ ବୋଲି ବିଜେପି କହିଛି । କଂଗ୍ରେସ ନେତା ଯାହା କହିଛନ୍ତି ସେଥିପାଇଁ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଦାବି ହୋଇଛି । କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଏହାକୁ ନେଇ ସଂସଦରେ ଘେରିବା ପରେ କଂଗ୍ରେସ ମଧ୍ୟ ଜବାବ ରଖିଛି । ଅଧୀର କହିଛନ୍ତି, ଭୁଲରେ ତାଙ୍କ ପାଟିରୁ ବାହାରି ଯାଇଛି । ସେ ବିଜେପିକୁ କ୍ଷମା ମାଗିବାର ପ୍ରଶ୍ନ ଉଠୁନି । ଅଗ୍ନିପଥ ଯୋଜନା, ବେରୋଜଗାରୀ, ଜିଏସଟି ଏବଂ ଅନ୍ୟ ସମସ୍ୟା ଉପରୁ ଧ୍ୟାନ ହଟାଇବାକୁ ବିଜେପି ଏହାକୁ ଅଯଥାରେ ବଢାଉଛି । ରାଷ୍ଟ୍ରପତି ବ୍ରାହ୍ମଣ ହୁଅନ୍ତୁ କି ଆଦିବାସୀ ତାଙ୍କ ପ୍ରତି ସମ୍ମାନ ରହିଛି ବୋଲି ସେ କହିଛନ୍ତି । ସେପଟେ ସ୍ମୃତି ଇରାନୀ ଏହାକୁ ନେଇ ସୋନିଆ ଗାନ୍ଧୀଙ୍କୁ ଟାର୍ଗେଟ କରିବା ପରେ ବିବାଦ ଆହୁରି ତେଜିଛି । ଆଉ ତାଙ୍କ ସହ କଥା ନ ହେବାକୁ ସ୍ମୃତି ଇରାନୀଙ୍କୁ ସୋନିଆ କହିଛନ୍ତି । ଅନ୍ୟପଟେ ବିଧାନସଭାରେ ଏ ପ୍ରସଙ୍ଗରେ ଗୃହର ମଧ୍ୟଭାଗରେ ପ୍ଲାକାର୍ଡ ଧରି ବିଜେପି ବିଧାୟକ ଜୋରଦାର ହଙ୍ଗାମା କରିଥିଲେ । ବିଜେପିର ହଟ୍ଟଗୋଳ ପାଇଁ ଅପରାହ୍ନ ୪ଟା ଯାଏଁ ଗୃହ ମୁଲତବି ଘୋଷଣା କରିଥିଲେ ବାଚସ୍ପତି ।

ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ବିଦା କଲେ ମମତା

କୋଲକାତା, ୨୮/୦୭ (ନି.ପ୍ର): ଶେଷରେ ବହିଷ୍କୃତ ହୋଇଛନ୍ତି ବେଙ୍ଗଲ ମନ୍ତ୍ରୀ ପାର୍ଥ ଚାଟାର୍ଜୀ। ଆଜି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରିଛନ୍ତି। ଶିକ୍ଷକ ନିଯୁକ୍ତିରେ ହୋଇଥିବା ବ୍ୟାପକ ଦୁର୍ନୀତିରେ ପାର୍ଥଙ୍କ ହାତ ଥିବା ଅଭିଯୋଗ ହୋଇଛି। ଏହି କାରଣରୁ ଇଡି ତାଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ଘରୁ ନଗଦ ୫୦ କୋଟି ଟଙ୍କା ଓ ୫ କେଜି ସୁନା ଜବତ ହୋଇଛି। ଏହାକୁ ନେଇ ବେଙ୍ଗଲରେ କ୍ଷମତାସୀନ ଟିଏମସି ସରକାର ଅଡୁଆରେ ପଡ଼ିଥିଲେ। ଏବେ ଏହି ଅଡୁଆକୁ ଦୂର କରିବା ପାଇଁ ମମତା ଆଜି ପାର୍ଥ ଚାଟାର୍ଜୀଙ୍କୁ ନିଜ ମନ୍ତ୍ରିମଣ୍ଡଳରୁ ବିଦା କରିଛନ୍ତି। ଏଥିସହ ଦଳର ସମସ୍ତ ପଦପଦବୀରୁ ମଧ୍ୟ ତାଙ୍କୁ ବହିଷ୍କାର କରାଯାଇଛି। ପୂର୍ବରୁ ବିରୋଧୀ ବିଜେପି ଓ କଂଗ୍ରେସ ସମାନ ଦାବି କରି ଟିଏମସି ସରକାରକୁ ଘେରିବା ପାଇଁ ଚେଷ୍ଟା କରିଥିଲେ। ବିରୋଧୀଙ୍କ ଚାପରେ ଚେପା ମମତା ସରକାର ଗିରଫର ୫ ଦିନ ପରେ ପାର୍ଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବେଙ୍ଗଲର ବିଭିନ୍ନ ସ୍କୁଲରେ ହୋଇଥିବା ଶିକ୍ଷକ ନିଯୁକ୍ତିରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଗତ ଶୁକ୍ରବାର ଇଡି ଅର୍ପିତାଙ୍କ ଘରେ ରେଡ କରି ନଗଦ ୨୧ କୋଟି ଟଙ୍କା ଜବତ କରିଥିଲା। ଏହାର ଦିନକ ପରେ(ଜୁଲାଇ ୨୩) ପାର୍ଥ ଓ ଜୁଲାଇ ୨୪ରେ ଅର୍ପିତାଙ୍କୁ ଗିରଫ କରାଯାଇଛି। ଉଭୟ ଏବେ ଇଡି ହେପାଜତରେ ଅଛନ୍ତି। ଜେରା ଚାଲିଥିବା ବେଳେ ବୁଧବାର ଇଡିର ଅଧିକାରୀମାନେ ଅର୍ପିତାଙ୍କ ବେଲଘର ଟାଉନ କ୍ଲବରେ ଥିବା ଆଉ ଗୋଟିଏ ଫ୍ଲାଟରେ ରେଡ କରିଥିଲେ। ଏହି ସମୟରେ ସେଠାକୁ ନଗଦ ୨୯ କୋଟି ଟଙ୍କାର ଓ ୫ କେଜି ସୁନା ମିଳିଛି। ଅର୍ପିତାଙ୍କ ଘରୁ ନଗଦ ୫୦ କୋଟି ଟଙ୍କା ମିଳିବା ପରେ ସମସ୍ତେ ଜଳକା ହୋଇଛନ୍ତି। ଅର୍ପିତା ଏହି ସବୁ ଟଙ୍କା ପାର୍ଥ ଚାଟାର୍ଜୀଙ୍କର ବୋଲି କହିଛନ୍ତି। ଶିକ୍ଷକ ନିଯୁକ୍ତିରେ ହୋଇଥିବା ଦୁର୍ନୀତିରୁ ପାର୍ଥ ଚାଟାର୍ଜୀ କୋଟି କୋଟି ଟଙ୍କା ହାସଲ କରିଥିଲେ। ଏହାକୁ ସେ ଅର୍ପିତାଙ୍କ ଘରେ ଲୁଚାଇ ରଖିଥିଲେ ବୋଲି କୁହାଯାଉଛି। ପାର୍ଥ ୨୦୧୪ରୁ ୨୦୨୧ ଯାଏ ବେଙ୍ଗଲର ଶିକ୍ଷା ମନ୍ତ୍ରୀ ଭାବେ କାମ କରିଛନ୍ତି।

ଓଲିଉଡରେ ନିଶା କାରବାର ନେଇ ଥାନାରେ ଅଭିଯୋଗ କଲା କଳିଙ୍ଗ ସେନା

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ବଲିଉଡ୍ ଭଳି ଓଲିଉଡରେ ବି ନିଶା କାରବାର ବଢିଥିବା ଅଭିଯୋଗ ନେଇ ଥାନାର ଦ୍ୱାରସ୍ଥ ହୋଇଛି କଳିଙ୍ଗ ସେନା । ଓଡିଶାରେ ଯେପରି ସୁଶାନ୍ତ ସିଂହ ରାଜପୁତଙ୍କ ଭଳି ଘଟଣାର ପୁନରାବୃତି ନହୁଏ ସେଥିପାଇଁ ଯତ୍ନବାନ ହେବାକୁ ଖାରବେଳ ଥାନାରେ ଜଣାଇଛନ୍ତି କଳିଙ୍ଗ ସେନା ମୁଖ୍ୟ ହେମନ୍ତ ରଥ। ବାବୁସାନଙ୍କ ପତ୍ନୀ ତୃପ୍ତି କରିଥିବା ଅଭିଯୋଗ ଆଧାରରେ ଏତଲା ଦେଇଛି କଳିଙ୍ଗ ସେନା । ଯେଉଁଥିରେ କୁହାଯାଇଛି ବଲିଉଡ ଭଳି ଓଲିଉଡରେ ନିଶା କାରବାର ବଢିବାରେ ଲାଗିଛି । ବିପଦଜନକ ନିଶାଦ୍ରବ୍ୟର ଓଡିଶା ସହ ଘନିଷ୍ଠ ସମ୍ପର୍କ ଥିଲା । ଓଡିଶା ବାହାରେ ଓଡିଶା ନିଶାଦ୍ରବ୍ୟର ବିଶେଷ ଚାହିଦା ଥିଲା । ଓଡ଼ିଶାରେ ସୁଶାନ୍ତ ସିଂହ ରାଜପୁତଙ୍କ ପରି ଦୁଃଖଦ ଘଟଣାର ଯେପରି ପୁନରାବୃତି ନହୁଏ, ସେନେଇ ପୋଲିସ ଯତ୍ନବାନ ହେଉ ଏବଂ ନିଶା କାରବାର ଅଭିଯୋଗକୁ ତଦନ୍ତ ପରିସରଭୁକ୍ତ କରୁ ।

▶▶ପୃଷ୍ଠା ୭

ଅର୍ପିତାଙ୍କ ଘରେ ପୁଣି ୨୯ କୋଟି ୯୦ ଲକ୍ଷ ଟଙ୍କା ଜବତ

ନୂଆଦିଲ୍ଲୀ, ୨୮/୦୭ : ଶିକ୍ଷକ ଦୁର୍ନୀତିକୁ ମାମଲାକୁ ନେଇ ଉଠୁଛି ପଡୁଛି ପଶ୍ଚିମବଙ୍ଗ ରାଜନୀତି । ଗୋଟିଏ ପଟେ ପାର୍ଥ ଚାଟାର୍ଜୀଙ୍କ ସହଯୋଗୀ ଅଭିନେତ୍ରୀ ଅର୍ପିତାଙ୍କ ଆଉ ଏକ ଘରୁ ୨୯ କୋଟି ଟଙ୍କା ସହ ବିପୁଳ ସୁନା ଗହଣା ଜବତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଅନ୍ୟପଟେ ପାର୍ଥ ଚାଟାର୍ଜୀଙ୍କୁ ସମସ୍ତ ମନ୍ତ୍ରୀପଦରୁ ହଟାଇବା ସହ ତୃଣମୂଳ କଂଗ୍ରେସରୁ ବହିଷ୍କାର କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ପଶ୍ଚିମବଙ୍ଗର ଶିକ୍ଷକ ନିଯୁକ୍ତି ଘୋଟାଲାରେ ପାର୍ଥ ଚାଟାର୍ଜୀ ଓ ଅଭିନେତ୍ରୀ ଅର୍ପିତା ମୁଖାର୍ଜୀଙ୍କ ଅଡୁଆ ଆହୁରି ବଢିବ । କାରଣ ଅର୍ପିତାଙ୍କ ଘରୁ ଜବତ ଟଙ୍କା ଓ ସୁନା ପାର୍ଥଙ୍କ ବୋଲି କୁହାଯାଉଛି । ଅର୍ପିତା ମାନିଛନ୍ତି, ପାର୍ଥ ତାଙ୍କ ଘରକୁ ମିନି ବ୍ୟାଙ୍କ ଭାବେ ବ୍ୟବହାର କରୁଥିଲେ । ପାର୍ଥ ଚାଟାର୍ଜୀ ଓ ଅର୍ପିତା ମୁଖାର୍ଜୀଙ୍କ ଜେରା ପରେ ଧିରେ ଧିରେ ଖୋଲୁଛି କଳାସାମ୍ରାଜ୍ୟର ଗୁମର । ଅର୍ପିତାଙ୍କ ଆଉ ଏକ ଘରୁ ପୁଣି ନଗଦ ୨୯ କୋଟି ଟଙ୍କା ଓ ଦେଢକୋଟିର ସୁନାଗହଣା ମିଳିବା ପରେ ଦୁର୍ନୀତିର ଚେର ଯେ ଲମ୍ବା ତାହା ଧିରେ ଧିରେ ସ୍ପଷ୍ଟ ହେଉଛି । ଅର୍ପିତାଙ୍କ ଘରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ବି ଜବତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଜେରା ପରେ ଯେତେବେଳେ ଇଡି ଅର୍ପିତାଙ୍କ ଘରକୁ ଯାଇଥିଲା, ସେ ସମୟରେ ଘରେ ତାଲା ପଡିଥିଲା । ଇଡି ତାଲା ଭାଙ୍ଗି ଘରେ ପଶିବା ପରେ ଏତେ ପରିମାଣର ଟଙ୍କା ଓ ସୁନା ଜବତ କରିଛି । ▶▶ପୃଷ୍ଠା ୭

ଚିଲିକାରୁ ପୁଣି ଫସିଲା ଭସାପୋଲ : ଫସିଛନ୍ତି ୬୦ରୁ ଅଧିକ ଯାତ୍ରୀ

ନୂଆଦିଲ୍ଲୀ, ୨୮/୦୭ : ଚିଲିକାରେ ପୁଣି ଫସିଲା ଭସାପୋଲ । କିଛି ଦିନର ବିରତି ପରେ ପୁଣି ଚିଲିକା ଭିତରେ ଫସିଛି ଯାତ୍ରୀବାହୀ ଭସାପୋଲ । ଯାନ୍ତ୍ରିକ ତ୍ରୁଟି ପାଇଁ ସାତପଡା-ଚିଲିକା ମଝିରେ ଗୋଟିଏ ଭସାପୋଲ ଫସି ରହିଛି । ଏହି ଭସାପୋଲରେ ୬୦ରୁ ଅଧିକ ଯାତ୍ରୀ ଫସିଥିବା ସୂଚନା ରହିଛି । ଖାଲି ସେତିକି ନୁହେଁ, ଏଥିରେ ୫ଟି ୪ ଚକିଆ ଯାନ ଓ ୨୦ରୁ ଅଧିକ ବାଇକ୍ ମଧ୍ୟ ରହିଛି । ଏହି ଭସାପୋଲଟି ସାତପଡାରୁ ଜହ୍ନିକୁଦା ଘାଟକୁ ଯାତ୍ରା ଆରମ୍ଭ କରିଥିଲା । ଭସାପୋଲକୁ ସଜାଡିବା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପ୍ରୟାସ ଜାରି ରଖିଛନ୍ତି ।

ବିଧାନସଭାରେ ଅଧୀର ରଞ୍ଜନ ଚୌଧୁରୀଙ୍କ ମନ୍ତବ୍ୟକୁ ବିରୋଧ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଚାଲି ପାରିଲାନି ପ୍ରଶ୍ନକାଳ । ଗୃହରେ ବିଜେପି ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନେଇ ସାଂସଦ ଅଧିର ରଞ୍ଜନ ଚୌଧୁରୀଙ୍କ ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ଗୃହରେ କମ୍ପିଲେ ବିରୋଧୀ । ଗୃହର ମଧ୍ୟଭାଗରେ ପ୍ଲାକାର୍ଡ ଧରି ବିଜେପି ବିଧାୟକଙ୍କ ଜୋରଦାର ହଙ୍ଗାମା କରିଛନ୍ତି । ▶▶ପୃଷ୍ଠା ୭

ଠିକ୍ ସମୟରେ ଠିକ୍ କଥା କହିବି : ବାବୁସାନ୍

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଚେନ୍ନାଇରୁ ଫେରିବା ପରେ ପ୍ରଥମ ଥର ପାଇଁ ସାମ୍ନାକୁ ଆସିଛନ୍ତି ଓଲିଉଡ୍ ଅଭିନେତା ବାବୁସାନ୍ ମହାନ୍ତି । ବୁଧବାର ଭୁବନେଶ୍ୱର ଫେରିବା ପରେ ବାବୁସାନ୍ ସିଧାସଳଖ ତାଙ୍କ ଘରକୁ ଚାଲିଯାଇଥିଲେ । ଗୁରୁବାର ସକାଳେ ସେ ତାଙ୍କ ଘର ବାଲକୋନୀକୁ ଆସି ଗଣମାଧ୍ୟମକୁ ଭେଟିଛନ୍ତି। ଯଦିଓ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ସମସ୍ତଙ୍କୁ ଧନ୍ୟବାଦ ଦେବା ସହ 'ଠିକ୍ ସମୟରେ ଠିକ୍ କଥା କହିବେ' ବୋଲି କହିଛନ୍ତି। ବାବୁସାନଙ୍କ ସହ ତାଙ୍କ ମାଆ ଅପରାଜିତା ମହାନ୍ତି ମଧ୍ୟ ତାଙ୍କ ସହିତ ଥିଲେ । ଦେହ ଭଲ ନଥିବାରୁ ଦୁହେଁ ଘରେ ରହିବେ ବୋଲି କହିଥିଲେ ଅପରାଜିତା । ଗତକାଲିଠୁ ଚେନ୍ନାଇରୁ ଓଡ଼ିଶା ଫେରି ଆସିଥିବା ବାବୁସାନ ଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଫ୍ୟାନ୍ସ ଗତକାଲିଠୁ ବାବୁସାନଙ୍କ ଘର ସମ୍ମୁଖରେ ଘଂଟା ଘଂଟା ଛିଡ଼ା ହୋଇ ରହୁଥିଲେ। ଆଜି ନିଜ ମା'ଙ୍କ ସହ ବାଲକୋନୀକୁ ଆସି ସେମାନଙ୍କ ସହ କଥା ହୋଇଛନ୍ତି ବାବୁସାନ । ବାବୁସାନଙ୍କୁ ନେଇ ଏବେ ବହୁ ଅସମାହିତ ପ୍ରଶ୍ନ ଥିବା ବେଳେ ଆଉ ୨ ଦିନ ପରେ ଗଣମାଧ୍ୟମ ସମ୍ମୁଖରେ ସବୁ କହିବେ ବୋଲି କହିଛନ୍ତି ବାବୁଶାନ । ଚେନ୍ନାଇରୁ ଫେରିବା ପରେ ବେଶ୍ ରିଲାକ୍ସ ଲାଗୁଥିବା ବାବୁସାନ ଘରେ ବାପାମା'ଙ୍କ ପାଖରେ ଥିବାରୁ ଖୁବ ଖୁସି ଅଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ବୁଧବାର ବାବୁସାନ୍ ଚେନ୍ନାଇରୁ ଭୁବନେଶ୍ୱର ଫେରିଥିଲେ । ଫେରିବା ପରେ ସେ ବିମାନବନ୍ଦରରୁ ସିଧା ବାପା ମା'ଙ୍କ ପାଖକୁ ଚାଲିଯାଇଥିଲେ। କିନ୍ତୁ ସେ ତାଙ୍କ ପତ୍ନୀ ତୃପ୍ତି ଓ ଶିଶୁପୁତ୍ରକୁ ଭେଟିବାକୁ ଯାଇନଥିଲେ। ପତ୍ନୀ ତୃପ୍ତିଙ୍କ ଅଭିଯୋଗକୁ ଆଧାର କରି ପୁଲିସ ତାଙ୍କ ବିରୋଧରେ ଆଇପିସି ୪୯୮(ଏ) ଓ ୫୦୬ ଦଫା ଲଗାଇ ମାମଲା ରୁଜୁ କରିଛି ।ଅନ୍ୟପଟେ ବାବୁସାନ୍ ଆଗୁଆ ଜାମିନ୍ ପାଇଁ ହାଇକୋର୍ଟଙ୍କୁ ଦ୍ୱାରସ୍ଥ ହୋଇଛନ୍ତି।

ଏଣିକି ୧୭ ବର୍ଷ ବୟସରେ ଭୋଟର ଆଇଡି ପାଇଁ କରିପାରିବେ ଆବେଦନ

ନୂଆଦିଲ୍ଲୀ, ୨୮/୦୭ : ଭୋଟର ତାଲିକାରେ ନିଜ ନାଁ ପଂଜୀକରଣ କରିବାକୁ ଆଉ ୧୮ ବର୍ଷ ବୟସ ହେବା ଯାଏ ଅପେକ୍ଷା କରିବାକୁ ପଡ଼ିବନି। ଯେଉଁମାନଙ୍କୁ ୧୭ ବର୍ଷ ପୂରି ସାରିଛି, ସେମାନେ ଚାହିଁଲେ ଭୋଟ ପରିଚୟପତ୍ର ପାଇଁ ଆବେଦନ କରିପାରିବେ। ଆଜି ଏହି ନୂଆ ନିୟମ ସମ୍ପର୍କରେ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ। ଏନେଇ ଉପଯୁକ୍ତ ବ୍ୟବସ୍ଥା କରିବାକୁ ସବୁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଦେଶର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର। ପୂର୍ବରୁ ପ୍ରଚଳିତ ନିୟମ ଅନୁଯାୟୀ, ଜଣଙ୍କୁ ୧୮ ବର୍ଷ ହେବା ପରେ ହିଁ ସେ ନିଜର ଭୋଟର ପରିଚୟ ପତ୍ର ପାଇଁ ଆବେଦନ କରିପାରୁ ଥିଲେ। ଏକ ନିର୍ଦ୍ଦିଷ୍ଟ ବର୍ଷର ଜାନୁଆରୀ ୧ କିମ୍ବା ତା' ପୂର୍ବରୁ ୧୮ ବର୍ଷ ▶▶ପୃଷ୍ଠା ୭

ଅକ୍ଟୋବର ୧୬ରେ ଓସିଏସ୍ ପ୍ରିଲିମ୍

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ଓଡ଼ିଶା ପ୍ରଶାସନିକ ସେବାର ପ୍ରିଲିମ୍ ପରୀକ୍ଷା ପାଇଁ ତାରିଖ ଘୋଷଣା ହୋଇଛି। ଅକ୍ଟୋବର ୧୬ ତାରିଖରେ ପରୀକ୍ଷା ନେଇ ସୂଚନା ଦେଇଛି ଓଡ଼ିଶା ଲୋକ ସେବା ଆୟୋଗ ବା ଓପିଏସ୍‌ସି । ୨୦୨୧ ବର୍ଷ ପାଇଁ ପ୍ରକାଶ ପାଇଥିବା ବିଜ୍ଞାପନର ପରୀକ୍ଷା ହେବ । ଅକ୍ଟୋବର ୧୬ ରବିବାର ଦିନ ଏହି ପରୀକ୍ଷା ହେବା ସହ ପରୀକ୍ଷା ସଂପର୍କୀୟ ସବିଶେଷ ବିବରଣୀ ଓପିଏସ୍‌ସି ୱେବ୍ ସାଇଟ୍ ରୁ ମିଳିପାରିବ ବୋଲି କୁହାଯାଇଛି ।

ନିତି ଆୟୋଗ ଉପାଧ୍ୟକ୍ଷଙ୍କ ଓଡ଼ିଶା ପରିଦର୍ଶନ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ନିତି ଆୟୋଗର ଉପାଧ୍ୟକ୍ଷ ସୁମନ କୁମାର ବେରୀ ଓ ସଦସ୍ୟ ଡ. ବିନୋଦ କେ. ପାଉଲଙ୍କ ସହ ନିତି ଆୟାଗର ଅନ୍ୟ ଅଧିକାରୀମାନେ ଓଡ଼ିଶା ଗସ୍ତରେ ଆସି ଗୁରୁବାର ସକାଳେ ଭୁବନେଶ୍ୱରସ୍ଥ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ତା'ପରେ ସେମାନେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏକ ଉଦ୍ୟୋଗ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୫-'ଟି'ରେ ରୂପାନ୍ତରିତ ହୋଇଥିବା ଉଚ୍ଚବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ପିପିଲିଠାରେ ଥିବା ୱେଲ୍ ନେସ୍ କେନ୍ଦ୍ର ଇତ୍ୟାଦି ସହ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ନିରୀକ୍ଷଣ କରିଥିଲେ । ନିତି ଆୟୋଗର ଉପାଧ୍ୟକ୍ଷ ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଂଟରରେ ଏକ ବୈଠକ କରାଯାଇଥିଲା । ରାଜ୍ୟ ସରକାରଙ୍କ ▶▶ପୃଷ୍ଠା ୭

ମିଡିଆକୁ ସର୍କର୍ତ୍ତବାଣୀ ଶୁଣାଇଲେ ସୁପ୍ରିମକୋର୍ଟ, ସୀମା ଭିତରେ ରହିବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୮/୦୭ : ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଏକପାଖିଆ ରିପୋର୍ଟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବିଶେଷ କରି ଗୋଟିଏ ନ୍ୟୁଜ ରିପୋର୍ଟରେ ବିଚାରପତିଙ୍କୁ ଟର୍ଗେଟ କରଯାଇଥିବାରୁ ସୁପ୍ରିମକୋର୍ଟ ମିଡିଆକୁ ସୀମା ଭିତରେ ରହିବାକୁ ପରାମର୍ଶ ଦେଇଛନ୍ତି। ବିଚାରପତିଙ୍କୁ ଟାର୍ଗେଟ କରିବାର ଗୋଟିଏ ସୀମା ରହିଛି। ତା' ମଧ୍ୟରେ ରହି ଆପଣମାନେ ସବୁ କାମ କରନ୍ତୁ ବୋଲି କୋର୍ଟ କହିଛନ୍ତି। ବିଭିନ୍ନ ଖ୍ରୀଷ୍ଟିଆନ ସଂପ୍ରଦାୟର ଅନୁଷ୍ଠାନ ଉପରେ ଆକ୍ରମଣ ଘଟଣା ବଢୁଥିବା ବେଳେ ଏହା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। କିନ୍ତୁ କୋର୍ଟ ଏହାର ଶୁଣାଣିରେ ବିଳମ୍ବ କରିଥିବାରୁ ଗୋଟିଏ ମିଡି

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଭୋଟ୍ ସମୟରେ କାହିଁକି ପ୍ରତିଶ୍ରୁତି...

ମତଦାତାମାନଙ୍କୁ ନିର୍ବାଚନ ସମୟରେ ନିଜ ସପକ୍ଷରେ ପ୍ରଭାବିତ କରିବା ଲକ୍ଷ୍ୟରେ ନେତା-ନେତ୍ରୀମାନେ ବିଭିନ୍ନ ଉପାୟ ଆପଣାଇଥାନ୍ତି । ଭୋଟ୍ ପୂର୍ବରୁ ସଭା ସମିତି କରାଯାଇଥାଏ ଏବଂ ମତଦାତାମାନଙ୍କୁ ଛତା-ଜୋତା, ଟିଭି, ମିକ୍ସର ଭଳି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇଥାଏ । ତାହା କେତେଦୂର ପାଳନ କରାଯାଇଥାଏ ସେକଥା ସମସ୍ତଙ୍କୁ ଜଣା । ଏହି ପ୍ରସଙ୍ଗ ଏବେ ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଲାଣି । ଜଣେ ବ୍ୟକ୍ତିଙ୍କ ଏକ ଆବେଦନ ଜରିଆରେ ତାହାର ବୈଧତା ଓ ପ୍ରାସଙ୍ଗିକତା ଉପରେ ଆରମ୍ଭ ହୋଇଯାଇଛି ତର୍ଜମା । ସୁପ୍ରିମ୍ କୋର୍ଟ କେନ୍ଦ୍ରଠାରୁ ଏକାଧିକ ପ୍ରସଙ୍ଗ ନେଇ ଏ ସଂପର୍କରେ ସବିଶେଷ ତଥ୍ୟ ଜାଣିବାକୁ ଚାହିଁଛନ୍ତି । ନିର୍ବାଚନ କମିଶନ ଏହି ପ୍ରସଙ୍ଗକୁ ନେଇ ବିଧିବଦ୍ଧ ବ୍ୟବସ୍ଥା ବାହାର କରି ପାରିବେ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ମତ ପ୍ରକାଶ କରିଛନ୍ତି । ନ୍ୟାୟାଳୟ ଆହୁରି କହିଛନ୍ତି ଯେ ସରକାର ଚାହିଁଲେ ଏ ନେଇ ମଧ୍ୟ ଆଇନ ପ୍ରଣୟନ କରିପାରିବେ । ପ୍ରତିଶ୍ରୁତି ଆଧାରରେ ମତଦାତାମାନଙ୍କୁ ପ୍ରଲୋଭିତ କରାଯିବା ଯେମିତି ଗୋଲକଧନ୍ଦା ସୃଷ୍ଟି କରିବା ଭଳି ପ୍ରତୀୟମାନ ହୁଏ । ଏପର୍ଯ୍ୟନ୍ତ ଏଥିପେଇ କେନ୍ଦ୍ର ସରକାର କିମ୍ବା ନିର୍ବାଚନ ଆୟୋଗ ନିଜ ପକ୍ଷ ରଖିନାହାଁନ୍ତି । ପ୍ରଶ୍ନ ଉଠୁଛି, କୌଣସି ଭାବରେ ଜନକଲ୍ୟାଣକାରୀ ବ୍ୟବସ୍ଥାରେ ପ୍ରଦାନ କରାଯାଉଥିବା ସହାୟତା କିଭଳି ପ୍ରଲୋଭନ ଭାବେ ଗଣାଯିବ । ଖାଦ୍ୟାନ୍ନ ଯୋଗାଇବା ଜନକଲ୍ୟାଣ ରାଷ୍ଟ୍ରର କର୍ତ୍ତବ୍ୟରେ ଆସୁଥିବାରୁ ତାହା କିଭଳି ଜନମତ ପ୍ରଭାବିତ କରିବା ଭଳି ପ୍ରଲୋଭନରେ ଆସୁଛି ? ଗହମ, ଚାଉଳ, ଚିନି ଓ କିରାସିନି ଭଳି ସାମଗ୍ରୀ ନିଃଶୁଳ୍କ କିମ୍ବା ଦେୟ ପୈଠ ବିନିମୟରେ ଯୋଗାଇ ଦିଆଯାଏ, ତାହା ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଉଦ୍ଦିଷ୍ଟ ବୋଲି କିଭଳି କୁହାଯାଇପାରିବ ! ବିଭିନ୍ନ ରାଜ୍ୟରେ ରାଜନୈତିକ ଦଳମାନ ସମୟାନ୍ତରେ ଲୋଭନୀୟ ପ୍ରତିଶ୍ରୁତି ଦେଇଥା'ନ୍ତି । ଯେମିତି ଉତ୍ତର ପ୍ରଦେଶରେ ସାଇକେଲ ଓ ଲ୍ୟାପ୍‌ଟପ୍ ବଣ୍ଟନ ପ୍ରତିଶ୍ରୁତି ଦିଆଯାଇଥିବା ସମୟରେ ତାମିଲନାଡୁ ଓ ଅନ୍ୟାନ୍ୟ ରାଜ୍ୟରେ ଘରକରଣା ସାମଗ୍ରୀ ବଣ୍ଟନ କରାଯାଇଥିଲା । ଉଣା ଅଧିକେ ଅଧିକାଂଶ ରାଜ୍ୟରେ ଏଭଳି ଲୋଭନୀୟ ସାମଗ୍ରୀ ବଣ୍ଟନ କରାଯାଉଥିବା ଦେଖିବାକୁ ମିଳେ । ଭୋଟ୍ ସମୟରେ ଦିଆଯାଉଥିବା ମନଲୋଭା ପ୍ରତିଶ୍ରୁତି କିଭଳି ନିମନ୍ତ୍ରଣ ଭିତରକୁ ଅଣାଯାଇପାରିବ, ତାହା ସୁପ୍ରିମ୍‌କୋର୍ଟଙ୍କ ପାଇଁ ଦ୍ୱନ୍ଦ୍ୱକୁ ବଢ଼ାଇ ଦେଇଛି । ନିର୍ବାଚନ କମିସନ୍ ମଧ୍ୟ ସେହି ଦିଗରେ ଫଳପ୍ରଦ ବିଧି ବ୍ୟବସ୍ଥା କରିବା କାହିଁକି କଷ୍ଟକର ହେଉଛି, ତାହା ପ୍ରମୁଖ ପ୍ରଶ୍ନ ହୋଇ ଦେଖାଦେଇଛି । କେବଳ ସାମଗ୍ରୀ ନୁହେଁ, ନଗଦ ନୋଟ୍ ବଣ୍ଟାଯିବା ଦେଖିବାକୁ ମିଳିଥାଏ । ନିର୍ବାଚନ ପୂର୍ବରୁ ପୁଲିସ୍ ବିଭିନ୍ନ ରାଜନୈତିକ ନେତାଙ୍କ ପାଖରୁ ସେମାନଙ୍କ ଗାଡ଼ିରୁ କିମ୍ବା ଦଳୀୟ କର୍ମୀଙ୍କ ନିକଟରୁ ବିପୁଳ ନୋଟ୍ ଜବତ କରାଯାଉଥିବାର ବହୁ ନଜିର ରହିଛି । ରାଜନୀତିକ କହିଲେ ଆଜିକାଲି କ୍ଷମତା-ରାଜନୀତିକୁ ବୁଝାଏ । ନିର୍ବାଚନରେ ସଫଳତା ହାସଲକୁ ବୁଝାଏ । ତେଣୁ ସେଥିପାଇଁ ପ୍ରତିଶ୍ରୁତିର ଲମ୍ବାଫର୍ଦ୍ଦ ସହିତ ଉପହାର ବଣ୍ଟନ ଏବେ ଧାରା ପାଲଟିଛି । ତାହାରି ଭିତରେ କିଭଳି ଆଶା କରିହେବ ଯେ, ପ୍ରତିଶ୍ରୁତିର ପାହାଡ଼ ଉପରେ ବସିଥିବା ନେତା-ନେତ୍ରୀଙ୍କ ଆଚରଣ ଓ ଉଚ୍ଚାରଣରେ ସାମଞ୍ଜସ୍ୟ ରହିବ ! କ୍ଷମତା-ରାଜନୀତିର ପରିଭାଷା ବଦଳି ସାରିଛି । ଏକ ସମୟରେ ଦୁଇଟି ବାକ୍ସ (ନାଲି ଓ ହଳଦିଆ) ରଖାଯାଇଥିଲା ଏବଂ ପସନ୍ଦର ଭୋଟ ଦେବାକୁ କୁହାଯାଉଥିଲା । ନାଲି ବାକ୍ସରେ ଭୋଟ ଦେଲେ ତାହା କମ୍ୟୁନିଷ୍ଟ ପାର୍ଟିକୁ ଏବଂ ହଳଦିଆ ବାକ୍ସରେ ଭୋଟ ଦେଲେ ତାହା କଂଗ୍ରେସକୁ ଯାଉଥିବା କୁହାଯାଉଥିଲା । ତାହା କେଉଁ ପୁରୁଣା କାଳର କଥା । ବହୁଦଳୀୟ ବ୍ୟବସ୍ଥାରେ ତାହା ମୃଗତୃଷ୍ଣା ସଦୃଶ । 'ଯୋଡ଼ି ବଳଦରେ ଭୋଟ୍ ଦିଅ, ପଖାଳ ଭାତରେ ଖାଇବ ଘିଅ' ପ୍ରଲୋଭନରେ ଆଉ ଯାଉନାହିଁ । ବରଂ, ଗାଡ଼ି-ଘୋଡ଼ା, ଏଲ୍‌ଇଡି-ଟିଭି ହୋଇସାରିଛି ପ୍ରମୁଖ ଆକର୍ଷଣ ଓ ପ୍ରଲୋଭନ । ଆଇନ୍ ପ୍ରଣୟନକାରୀ ସ୍ୱୟଂ ଆଇନ ଉଲ୍ଲଙ୍ଘନକାରୀ ହେଲେ ମାମଲା କ'ଣ ହେବ ? ସାଂସଦ ଓ ବିଧାୟକମାନେ ଏ ବାବଦରେ କିଛି କଠୋର ନୀତି ଆପଣାଇବାର ସମ୍ଭାବନା ପ୍ରାୟତଃ ଦୃଶ୍ୟ ହୁଏନାହିଁ । ନିର୍ବାଚନ କମିଶନ୍ ସେ ବାବଦରେ ଔପଚାରିକତା ପାଳନ ସକାଶେ ଯାହା କିଛି କରୁଛନ୍ତି, ମାତ୍ର ତାଙ୍କ କ୍ଷମତା ବହୁ ଦିଗରୁ ସୀମିତ । ସେହି ଦୃଷ୍ଟିରୁ ସୁପ୍ରିମ୍‌କୋର୍ଟ ଚାହୁଁଛନ୍ତି ନିର୍ବାଚନକାଳୀନ ପ୍ରତିଶ୍ରୁତି ମତଦାତାଙ୍କୁ ପ୍ରଭାବିତ କରିବାର ସାଧନ ହେବା ଉଚିତ ନୁହେଁ । ମୁଖ୍ୟ କଥା ହେଉଛି ଏହି ପ୍ରସଙ୍ଗ ଏତେ ବ୍ୟାପକ ଯେ ତାହା ବ୍ୟବସ୍ଥାଗତ ପରିବର୍ତ୍ତନର ପ୍ରତ୍ୟାଶା ରଖେ । ପ୍ରଶାସନ ଓ ସମାଜ ବ୍ୟବସ୍ଥାରେ ସେଭଳି କିଛି ମୌଳିକ ପରିବର୍ତ୍ତନ ନ ହେଲେ, ନିର୍ବାଚନ ପ୍ରକ୍ରିୟା କଳୁଷମୁକ୍ତ ହେବ ବୋଲି ବିଚାରିବା ମୁସ୍କିଲ । ନେତା-ନେତ୍ରୀମାନେ ହୁଅନ୍ତୁ କି' ସମାଜପତିମାନେ, ସମସ୍ତେ ସଂସ୍କାରିତ ହୋଇ ଯଦି ଉଚିତ ମାର୍ଗରେ ପରିଚାଳିତ ହେବେ କ୍ଷମତା ରାଜନୀତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଶା କରିବେ । ମାତ୍ର ତାହା କ୍ଷମତା ଚକ୍ରରେ ଦୁରାଶା ହୋଇରହିଯିବ । ତେଣୁ ନିର୍ବାଚନୀ ପ୍ରତିଶ୍ରୁତି ଆମର ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପରିବର୍ତ୍ତେ ଦୁର୍ବଳ କରି ନପକାଉ ।

ସୁବର୍ଣ୍ଣର ଚିତାଲାଗି

ଜୟଶ୍ରୀ ପଟ୍ଟନାୟକ

ଯାତ୍ରାପର୍ବର ସହର ପୁରୀରେ ଅଧିକାଂଶ ସମୟରେ ଯାତ୍ରା ଉପଯାତ୍ରା ମାନ ଲାଗି ରହିଥାଏ । କେବଳ ଜଗନ୍ନାଥ ମନ୍ଦିରରେ ଅନେକ ଯାନିଯାତ୍ରା ପର୍ବପର୍ବାଣି ତିଥି,ବାରକୁ ନେଇ ପାଳିତ ହୋଇଥାଏ । ଠାକୁରଙ୍କର ପ୍ରଧାନ ବାରଟି ଯାତ୍ରା ହେଉଛି ଦୋଳ, ସ୍ନାନ, ଦମନକ ଚତୁର୍ଦ୍ଦଶୀ, ଅକ୍ଷୟ ତୃତୀୟା, ଦେବଶୟନ, ଦକ୍ଷିଣାୟନ, ଉତରାୟଣ, ଗୁଣ୍ଡିଚା, ପାର୍ଶ୍ୱ ପରିବର୍ତ୍ତନ, ଦେବୋତଥାପନ, ଓଢ଼ଣ ଷଷ୍ଠୀ ଓ ପୁଷ୍ୟାଭିଷେକ । ଏହା ବ୍ୟତୀତ ଶ୍ରୀ ମନ୍ଦିରରେ ବର୍ଷ ତମାମ ପାଳିତ ହୁଏ ଅନେକ ଉପଯାତ୍ରା । ତା ମଧ୍ୟରୁ ଶ୍ରାବଣ ମାସ ଅମାବାସ୍ୟା ଦିନ ପାଳିତ ହେଉଥିବା ଯାତ୍ରା ହେଉଛି ଚିତାଲାଗି ଅମାବାସ୍ୟା ବା ଲଲାଟ ଭୁଷଣ ଯାତ୍ରା । ଏହି ଅମାବାସ୍ୟା ତିଥିରେ ଠାକୁର ମାନଙ୍କ ମସ୍ତକରେ ସୁବର୍ଣ୍ଣ ଚିତା ଲଗାଯାଉଥିବାରୁ ଏହା ଚିତାଲାଗି ଅମାବାସ୍ୟା ନାମରେ ନାମିତ । ଶ୍ରାବଣ ଅମାବସ୍ୟା ଦିନ ପ୍ରାତଃ ସମୟର ପୂଜା ପରେ ବିଶ୍ୱାବସୁ କୁଳର ସେବକ ମାନେ ମହାପ୍ରଭୁଙ୍କୁ ଚିତା ପିନ୍ଧାଇବା ପରମ୍ପରା ବାମଦେବ ସଂହିତାରେ ଉଲ୍ଲେଖ ରହିଛି । ଏହିଦିନ ଚିତଉ ପିଠା ମିଠା, ନାନାଦି ବ୍ୟଞ୍ଜନ କ୍ଷୀରୀ ପୂଜା ପରେ ଶ୍ରୀ ଜୀଉମାନଙ୍କୁ ସୁବର୍ଣ୍ଣ ଚିତା ପିନ୍ଧେଇବାର ପରମ୍ପରା ରହିଛି । କୁହାଯାଏ ଯେ ଏହିଦିନ ସାଗର ମନ୍ଥନ ସମୟରେ ଯେଉଁ ନାନା ରତ୍ନ, ଐରାବତ ହାତୀ, ମୂଲ୍ୟବାନ ହୀରା, ମଣି, ମାଣିକ୍ୟ ଆବିର୍ଭୁତ ହୋଇଥିଲା ତାହା ବିଷ୍ଣୁ ନାରାୟଣ ଗ୍ରହଣ କରିଥିଲେ । ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଗୋବର୍ଦ୍ଧନ ପୀଠରେ ଆଦି ଶଂକରାଚାର୍ଯ୍ୟଙ୍କ ସମୟରୁ ଏହି ଚିତାଲାଗି ଉତ୍ସବ ପାଳିତ ହୋଇ ଆସୁଅଛି କାରଣ ଯଯାତିକେଶରୀଙ୍କ ସମୟରେ ଆଦି ଶଂକରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ଯଯାତିକେଶରୀ ସ୍ୱର୍ଣ୍ଣପୁରରୁ ପାତାଳିଅବସ୍ଥାରେ ଉଦ୍ଧାର କରି ଚତୁର୍ଦ୍ଧାମୂରତିକୁ ଶଂଖନାଭି ମଣ୍ଡଳରେ ପ୍ରତିଷ୍ଠା କରାଇ ତାଙ୍କୁ ଏହି ଅମାବାସ୍ୟା ତିଥିରେ ରତ୍ନବେଦୀରେ ଠାକୁରମାନଙ୍କର ଅଭିଷେକ କରାଇ ସୁବର୍ଣ୍ଣ ହୀରା ଖଚିତ ରତ୍ନମାନ ପରିଧାନ କରାଇଥିଲେ । ସେହି ଦିନଠାରୁ ଏହି ଉତ୍ସବ ଚିତାଲାଗି ନାମରେ ପରିଚିତ ହୋଇ ଆସୁଅଛି । ସାଧାରଣ ଭାବରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ମସ୍ତକରେ ଯଥାକ୍ରମେ ଶ୍ୱେତହୀରା ଚିତା, ନୀଳମର୍କତମଣି ଚିତା ଓ ନାଲିମାଣିକ୍ୟ ଚିତା ଧାରଣ କରିଥାନ୍ତି । ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ଦିନ ଠାକୁରମାନେ ସ୍ନାନଯାତ୍ରା ପରେ ସ୍ନାନବେଦୀରୁ ଅଣସର ପିଣ୍ଡିକୁ ଫେରିବା ପରେ ଦଇତାମାନେ, ଠାକୁର ମାନେ ଲଗାଇଥିବା ଚିତାଗୁଡିକୁ ବାହାର କରି ଦେଉଳ କରଣଙ୍କୁ ଦେଇଥାନ୍ତି । ଦେଉଳକରଣ ଚାଙ୍ଗଡା ମେକାପ ଠାରୁ ଶ୍ରୀ କାପଡା ଆଣି ସେଥିରେ ଏହି ଚିତାଗୁଡିକୁ ବାନ୍ଧି ମଦନମୋହନ ମୁଦ ଦେଇ ଭଣ୍ଡାରମେକାପଙ୍କୁ ଦେବାପରେ ସେ ତାକୁ ଭଣ୍ଡାର ଘରେ ସାଇତି ରଖନ୍ତି । ରଥଯାତ୍ରା ଦିନ ରଥାରୁଢ଼ ଠାକୁର ମାନେ ଏହି ଚିତାର ପ୍ରତୀକାତ୍ମକ ଭାବରେ ସୋଳ ଚିତା ଲଗାଇ ଶ୍ରୀଗୁଣ୍ଡିଚାକୁ ଯାତ୍ରା କରିଥାନ୍ତି । ବାହୁଡାରେ ଫେରି ଆସି ସୁନାବେଶ, ଅଧରପଣା ନୀତି ପରେ ନିଳାଦ୍ରୀ ବିଜେ କରିଥାନ୍ତି । ଜ୍ୟେଷ୍ଠ ପୂର୍ଣ୍ଣିମା ଠାରୁ ଶ୍ରାବଣ ଅମାବାସ୍ୟା ପର୍ଯ୍ୟନ୍ତ ଶ୍ରୀ ଜୀଉମାନେ ସୋଳଚିତା ପରିଧାନ କରିଥାନ୍ତି । ଶ୍ରାବଣ ଅମାବାସ୍ୟା ଦିନ ବା ଚିତାଲାଗି ଅମାବାସ୍ୟା ଦିନ ଠାକୁରମାନଙ୍କୁ ଉକ୍ତ ଚିତାଗୁଡିକୁ ବିଧିପୂର୍ବକ ପୁନର୍ବାର ଲଗାଇ ଦିଆଯାଉଥିବାରୁ ଏହାକୁ ଚିତାଲାଗି ଅମାବାସ୍ୟା କୁହାଯାଏ । ଏହିଦିନ ପ୍ରଥମେ ସକାଳଧୂପ ବସିବା ସମୟରେ ଭଣ୍ଡାରମେକାପ ଭଣ୍ଡାର ଘରୁ ଚିତାଗୁଡିକୁ ଆଣି ଦେଉଳକରଣଙ୍କୁ ଦେଇଥାନ୍ତି । ଏହି ଚିତାଗୁଡିକୁ ପ୍ରଶାସନ ତରଫରୁ ବଣିଆକୁ ଦିଆଯାଏ । ବଣିଆ ଦେଉଳକରଣ ଓ ତଡାଉକରଣ ସମ୍ମୁଖରେ ଏହି ଚିତାଗୁଡିକୁ ସଫା କରିଥାନ୍ତି । ସକାଳଧୂପ ଓ ଭୋଗମଣ୍ଡପ ପୂଜା ସରିବାପରେ ପୁଷ୍ପାଳକ ସିଂହାସନ ଉପରକୁ ଚଢ଼ି ତିନିବାଡର ମଇଲମ କରିଥାନ୍ତି । ତିନିବାଡର ଝୋବାକଣ୍ଠି ମାଳକୁ କାଢ଼ି ପାଳିଆମେକାପ ଭଣ୍ଡାର ମେକାପଙ୍କୁ ଦେଇଥାନ୍ତି ତାପରେ ପୁଷ୍ପାଳକ ସିଂହାସନରୁ ଓହ୍ଲାଇ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ନେଇ ଖଟଶେଯ ଘରେ ବିଜେ କରାଇଥାଆନ୍ତି । ଏସମସ୍ତ କର୍ମ ପରେ ଦଇତାପତିମାନେ ବେହରଣ ତଳେ ଗୋଡ ଧୋଇ ସିଂହାସନ ପାଖକୁ ଯାଇଥାନ୍ତି । ସିଂହାସନ ଉପରେ ପକାଯାଇଥିବା କାଠଘୋଡାରେ ଚଢ଼ି ଠାକୁରମାନଙ୍କୁ ସୁବର୍ଣ୍ଣ ଚିତାମାନ ଲାଗି କରାଇଥାଆନ୍ତି । ଏହି ଚିତା ଲାଗି ଝୁଣା ଓ ରାଶିତେଲ ମିଶ୍ରଣରେ ପ୍ରସ୍ତୁତ ସ୍ୱତନ୍ତ୍ର ଅଠା (ଓସୁଅଁ) କରାଯାଏ ସେଥିରେ ପୂର୍ବରୁ ଲାଗିଥିବା ସୋଳ ଚିତା ଗୁଡିକ କଢ଼ାଯାଇ ସୁବର୍ଣ୍ଣ ଚିତାମାନ ଲଗାଇ ପାଟରା ଦେଇଥିବା ପାଟଡୋରରେ ବାନ୍ଧି ତ୍ରିମୁଣ୍ଡି ତଳକୁ ଶ୍ରୀମୁଖ ଉପରକୁ ଲଲାଟରେ ଲାଗି କରାଇଥାଆନ୍ତି । ସୁବର୍ଣ୍ଣରେ ନିର୍ମିତ ଏହି ଚିତା ଗୁଡିକରେ ହୀରା ନୀଳା ମାଣିକ୍ୟ ଓ ଅନ୍ୟାନ୍ୟ ରତ୍ନମାନ ସୁସଜ୍ଜିତ ରହିଥାଏ । ଶ୍ରୀ ଜଗନ୍ନାଥଙ୍କର ବ୍ରହ୍ମଜ୍ୟୋତି ହୀରା ଯାହା ଧଳା ରଙ୍ଗର, ଶ୍ରୀ ବଳଭଦ୍ରଙ୍କର ନୀଳା (ନୀଳ) ଓ ଦେବୀ ସୁଭଦ୍ରାଙ୍କର ଚିତାରେ ମାଣିକ୍ୟ (ଲାଲ) ରଙ୍ଗର ହୋଇଥାଏ । ଦଇତାମାନେ ସିଂହାସନରୁ ଓହ୍ଲାଇ ଆସିବାପରେ ପାଳିଆ ମେକାପ ସିଂହାସନ ଉପରକୁ ଉଠି ସିଂହାସନ ଧୂଆଧୋଇ କରିବାପରେ ତିନିଜଣ ପୂଜାପଣ୍ଡା ତିନିବାଡର ମହାସ୍ନାନ ବିଧି ପୂର୍ବକ ସମାପନ କରିଥାନ୍ତି । ଏହାପରେ ପାଣି ପଡି ଗମ୍ଭୀରା ଧୂଆ ଧୋଇ ହେଲେ ପାଳିଆ ଝୁଟିଆ ଡାକିଗଲେ ପୁଷ୍ପାଳକ ଆସି ଠାକୁରଙ୍କ ମଇଲମ କରିଥାନ୍ତି । ତାପରେ ଖଟ ଶେଯ ଘରକୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ହାତରେ ଅଣାଯାଇ ସିଂହାସନ ଉପରେ ବିଜେ କରାଯାଏ । ଠାକୁର ମାନଙ୍କର ମଇଲମ, କର୍ପୂର ଲାଗି ଆଦି ସରିବା ପରେ ଭଣ୍ଡାର ମେକାପ ଠାରୁ ପାଳିଆ ମେକାପ ଛଅମୂର୍ତ୍ତି ତଡାଉ ନେଇ ପୁଷ୍ପାଳକଙ୍କୁ ଦେଲେ ସେ ତାହାକୁ ଠାକୁରମାନଙ୍କୁ ଲାଗି କରାଇବା ପରେ ମଧ୍ୟାହ୍ନ ଧୂପ ଓ ତିନିବାଡରେ ବନ୍ଦାପନାଦି ନୀତି ହୋଇଥାଏ । ଏହିଦିନ ଠାକୁରଙ୍କୁ ଚିତଉ ଭୋଗ ହୋଇଥାଏ । ପ୍ରାୟ ଚାରିଘଂଟା ସମୟ ଲାଗିଥାଏ ଏସବୁ ଗୋପନୀୟ ନୀତିକାନ୍ତି ପାଇଁ ତେଣୁ ମନ୍ଦିରର ସର୍ବ ସାଧାରଣ ଦର୍ଶନ ବନ୍ଦ ରୁହେ ଏହି ସମୟ ତକ । ଠାକୁରଙ୍କ ବନ୍ଦାପନା ନୀତି ପରେ ସର୍ବ ସାଧାରଣ ଦର୍ଶନ ପାଇଁ ଦ୍ୱାର ଖୋଲାହୁଏ । ସଂସ୍କୃତରେ ଗୋଟିଏ ଶ୍ଳୋକ ଅଛି ଯେ, ଶ୍ରାବଣେ କୃଷ୍ଣପକ୍ଷେ ତୁ ଦର୍ଶନ ପ୍ରାନ୍ତେ ଶୁଭ ଦିନେ, ଲଲାଟ ଭୁଷଣଂ ଯାତ୍ରାଂ ଜଗନ୍ନାଥସ୍ୟ କାରୟେତ୍ । ଅର୍ଥାତ ଶ୍ରାବଣ କୃଷ୍ଣପକ୍ଷରେ ଜଗନ୍ନାଥ ଦେବଙ୍କ ଲଲାଟ ଭୁଷଣ ଯାତ୍ରା କରାଯାଏ । କିମ୍ବଦନ୍ତୀରୁ ଜଣାଯାଏ ଯଯାତିକେଶରୀ ଠାକୁରମାନଙ୍କୁ ଆଣିବା ପରେ ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ରତ୍ନବେଦୀରେ ସ୍ଥାପନ କରି ଶ୍ରାବଣ ଅମାବାସ୍ୟାରେ ଚିତାଲାଗି କରାଇଥିଲେ । ସେହି ଦିନଠାରୁ ଏହା ଚିତାଲାଗି ଅମାବାସ୍ୟା ନାମରେ ନାମିତ ହୋଇଥିଲା । ଅନ୍ୟ କେତେକ ମତରେ କୋଣାର୍କ ମନ୍ଦିରର ନିର୍ମାତା ଲାଙ୍ଗୁଳା ନରସିଂହଦେବ ଗୌଡ ରାଜ୍ୟ ଜୟ କରିବା ପରେ, ନିଜର ମାନସିକ ପୂରଣ ପାଇଁ ତିନିଠାକୁରଙ୍କୁ ଏହିଦିନ ମୂଲ୍ୟବାନ ଚିତା ଲାଗି କରାଇଥିଲେ ସ୍କନ୍ଦ ପୁରାଣ ଅନୁସାରେ ଠାକୁରଙ୍କୁ ଏହି ଦିନ ଚିତା ଲାଗି କରାନ ଗଲେ ଠାକୁରଙ୍କର ବର୍ଷକ ମଧ୍ୟରେ ପାଳିତ ହେଉଥିବା ଯାତ୍ରାରୁ ମିଳୁଥିବା ପୁଣ୍ୟ କ୍ଷୟପ୍ରାପ୍ତ ହୋଇଥାଏ । ଅନ୍ୟ ମତରେ କହିବାକୁ ଗଲେ ଠାକୁର ଲଗାଇଥିବା ଚିତାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ ଏପରି ଏକ ନୀତିର ପ୍ରଚଳନ କଥା ଅନୁମାନ କରାଯାଇପାରେ । ଏହି ଯାତ୍ରା ପ୍ରଭୁଙ୍କର ସୌନ୍ଦର୍ଯ୍ୟ ବଢ଼ାଏ । ପରବର୍ତ୍ତୀ ଦେବସ୍ନାନ ପୂର୍ଣ୍ଣିମା ଯାଏଁ ଲଲାଟରେ ସେମିତି ଝଟକୁଥାଏ । ମନ ଗାଇଉଠେ ପ୍ରଭୁ କି ସୁନ୍ଦର ଦିଶ ବସି ରତ୍ନ ସିଂହାସନ ପାପୀମାନେ ତରିଗଲେ କରି ତୁମ୍ଭ ଦରଶନ । ଏହିଦିନ ଓଡିଶାର ଶ୍ରେଷ୍ଠ ସାମାଜିକ କୃଷିଭିତିକ ପର୍ବ ବୋଲି ଅଭିହିତ କରାଯାଏ । ଦୀର୍ଘ ଚାରିମାସ ଗ୍ରୀଷ୍ମ ପରେ ବର୍ଷା ଆସିଥାଏ ଧରାକୁ । ଆମର ଅଧିକାଂଶ ପର୍ବ କୃଷିଭିତିକ ଯଥା ଅକ୍ଷୟ ତୃତୀୟା, ଗର୍ଭଣା ସଂକ୍ରାନ୍ତି, ନୂଆଖାଇ, ମାଣବସା ପ୍ରଭୃତି । ଶ୍ରାବଣରେ ବର୍ଷା ଅଧିକ ହେଉଥିବାରୁ କୃଷିର ପ୍ରାରମ୍ଭ କାର୍ଯ୍ୟ ଯଥା ଧାନରୁଆ ବେଉଷଣ ଚାଲିଥାଏ । ଅଧିକ ଫସଲ କିପରି ଉତ୍ପାଦିତ ହେବ ସେଥିପାଇଁ ଚାଷୀଭାଇମାନେ ଧାନକ୍ଷେତକୁ ଫୁଲ, ଚନ୍ଦନ, ସିନ୍ଦୂର, ଚିତଉ ପିଠା ଓ କ୍ଷୀରୀ ନେଇ ଭୂଦେବୀ ଓ ଲକ୍ଷ୍ମୀଙ୍କୁ ଆବାହନ, ବନ୍ଦାପନା କରି ପୂଜା କରି ସାରିବା ପରେ ପିଠାକୁ କ୍ଷେତରେ ପୋତି ଦେଇ ଆସନ୍ତି ମନରେ ଭଲ ଫସଲ ଅମଳର ଆଶା ପୋଷଣ କରିଥାନ୍ତି । ସେହିଦିନ ଘରେ ମଧ୍ୟ ପିଠାପଣା ହୁଏ ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରାଯାଏ । କାରଣ ସେ ଅନ୍ନଦାତ୍ରୀ ବାଲେଶ୍ୱର, ମୟୁରଭଞ୍ଜ ଓ କେନ୍ଦୁଝର ଅଂଚଳରେ ଏହି ପର୍ବ ଗେଣ୍ଡାକଟା ଅମାବାସ୍ୟା ବା ଗେଣ୍ଡେଇସୁଣୀ ପୂଜା ବୋଲି କହିଥାଆନ୍ତି ଏହାର ବିଶେଷତ୍ୱ ହେଲା ଏହି ସମୟରେ ବିଲରେ ବର୍ଷାପାଣି ଜମି ରହିଥାଏ ଗେଣ୍ଡାମାନଙ୍କର ପ୍ରାଦୁର୍ଭାବ ବଢ଼ିଥାଏ । କୃଷକ ଭାଇ ବିଲରେ କାମ କଲାବେଳେ ଗେଣ୍ଡା ଯେପରି ଗୋଡକୁ କାଟି ନ ଦିଏ ଫସଲର ଅନିଷ୍ଟ ନ କରେଏବଂ ବିଷଧର ସାପ ମଧ୍ୟ କିଆରୀରେ ଥାଆନ୍ତି ତେଣୁ ପଶୁ, ପକ୍ଷୀ, କୀଟ ପତଙ୍ଗ, ସାପ, ଗେଣ୍ଡା ଆଦି ଯେପରି କୃଷି କର୍ମରେ ବ୍ୟାଘାତ ନ ଘଟାନ୍ତି ସେମାନଙ୍କ ସନ୍ତୁଷ୍ଟିପାଇଁ ପିଠା ସମର୍ପଣ କରିବାର ବିଶ୍ୱାସ ରହିଛି । ଏହିଦିନ ପ୍ରତ୍ୟେକ ଓଡିଆ ଘରେ ଚିତଉ, କ୍ଷୀରୀ, ପିଠା ପ୍ରସ୍ତୁତ କରି ଘରର ଇଷ୍ଟଦେବତା ଓ ଗ୍ରାମ ଦେବୀ ପାଖରେ ଭୋଗ ଦିଆଯଏ ବନ୍ୟା ପ୍ରକୋପରୁ ରକ୍ଷା ପାଇବା ପାଇଁ ବରୁଣ ଦେବତାଙ୍କୁ ସନ୍ତୁଷ୍ଟ କରାଯାଇ ପୂଜାର୍ଚ୍ଚନା କରାଯାଇ ଚିତଉ ପିଠା ସମର୍ପଣ କରାଯାଏ ଜଳଚର ଜୀବ ଯେପରି କାହାର କିଛି କ୍ଷତି ନ ଘଟାନ୍ତି ସେଥିପାଇଁ ବିଲ, ନଈ, ନାଳ, ପୋଖରୀରେ ପିଠା ସମର୍ପଣ କରାଯାଏ । ଚିତାଲାଗି ପରେ ଶୁଭାରମ୍ଭ ହୁଏ ଅନ୍ୟ ସବୁ ପର୍ବ ପର୍ବାଣିର ଯାହା ଆମ ସଂସ୍କୃତିର ବିଶେଷତ୍ୱ ଅଟେ ।

ଭୁବନେଶ୍ୱର,
ମୋ: ୭୯୭୮୧୧୦୪୭୪

ଓଡ଼ିଶାରେ ଓବିସି ଆରକ୍ଷଣ-ଆଶା ଓ ଆଶଙ୍କା

ଧୂଳେଶ୍ୱର ମାଣିଆ

(

ବିନୋଦନ

ବିନୋଦନ

ସିନେମା ଓ ମନୋରଞ୍ଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି

ଦୟାକରି ମତେ ରକ୍ଷା କର... ଗୁହାରି କଲେ ଉର୍ବଶୀ

ବଲିଉଡର ହଟ୍ ଆଣ୍ଡ ଗ୍ଲାମରସ୍ ଅଭିନେତ୍ରୀ ଉର୍ବଶୀ ରୌତେଲା । ସେ ତାଙ୍କ ଫ୍ୟାଶନ ଆଉ ଗ୍ଲାମରକୁ ନେଇ ସବୁଦିନ ଚର୍ଚ୍ଚାରେ ରୁହନ୍ତି । ତାଙ୍କର ଗୋଟିଏ ଝଲକ୍ ପାଇ ଫ୍ୟାନ୍‌ମାନେ ତାଙ୍କ ଉପରେ ଫିଦା ହୋଇଯାଉଛନ୍ତି । କିନ୍ତୁ ଏବେ ସେ ଅଡୁଆରେ ଫସିଛନ୍ତି । ତାଙ୍କ ଜୀବନ ପ୍ରତି ରହିଛି ବିପଦ । ଏଥିଲାଗି ତାଙ୍କୁ ରକ୍ଷା କରିବା ପାଇଁ ସେ ଗୁହାରି କରିଛନ୍ତି ।

ଇନ୍‌ଷ୍ଟାଗ୍ରାମରେ ସେ ଭିଡିଓ ଶେଆର କରି 'ମୋତେ ରକ୍ଷା କର, ପ୍ଲିଜ ସେଭ୍ ମି...' ବୋଲି ଗୁହାରି କରିଛନ୍ତି । ଏହି ଭିଡିଓକୁ ପୋଷ୍ଟ କରି କିଛି ସମୟ ପରେ ଡିଲିଟ୍ କରିଦେଇଛନ୍ତି ଉର୍ବଶୀ । ତେବେ କାହାଠୁ ନିଜକୁ ରକ୍ଷା କରିବାକୁ ଏପରି ଷୋଷ୍ଟ କରିଥିଲେ ଉର୍ବଶୀ । ଯାହାକୁ ନେଇ ଫ୍ୟାନ୍ସଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଯାଇଛି ।ବଲିଉଡ୍‌ରେ ଚର୍ଚ୍ଚିତ ହିରୋଇନ୍‌ଙ୍କ ମଧ୍ୟରେ ଉର୍ବଶୀ ରୌତେଲା ଅନ୍ୟ ଜଣେ । ସବୁବେଳେ ନିଜର ଗେଟ୍‌ଅପ୍‌କୁ ନେଇ ଚର୍ଚ୍ଚାରେ ଥା'ନ୍ତି ସେ । ନିକଟରେ ଫ୍ୟାନ୍‌ମାନଙ୍କୁ ଚକ୍‌ମା ଦେବା ପାଇଁ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ତାଙ୍କ ଅପ୍‌କମିଂ ଫିଲ୍ମ ଶୁଟିଂ ବେଳର ଏକ ଭିଡିଓ ପୋଷ୍ଟ କରିଥିଲେ । ଏଥିରେ ଶତାଧିକ ଗୁଣ୍ଡା ହାତରେ ଖଣ୍ଡା କାତି ଧରି ତାଙ୍କୁ ଘେରି ରହିଛନ୍ତି । ଏହି ଭିଡିଓକୁ ପୋଷ୍ଟ କରି ଉର୍ବଶୀ କ୍ୟାପସନ୍ 'ପ୍ଲିଜ୍ ସେଭ୍ ମି..' ଲେଖିଥିଲେ । ପରେ ଏହି ଭିଡିଓକୁ ନେଇ ୟୁଜର୍ସମାନେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଥିଲେ । ଏହାର କିଛି ସମୟ ପରେ ଉର୍ବଶୀ ସେହି ପୋଷ୍ଟକୁ ଡିଲିଟ୍ କରିଦେଇଥିଲେ । ଉର୍ବଶୀ ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିବା ଭିଡିଓଟି 'ଦ ଲେଜେଣ୍ଡ' ଫିଲ୍ମର ବୋଲି ଜଣାପଡିଛି । ଏହାଏକ ଆକ୍ସନ-ଥ୍ରୀଲର ତାମିଲ୍ ଫିଲ୍ମ । ଏହି ଫିଲ୍ମରେ ତାମିଲ୍ ସୁପରଷ୍ଟାର ଅରୁଲ ସରଭନଙ୍କ ଦମ୍‌ଦାର ରୋଲ୍ ଦେଖିବାକୁ ମିଳିବ । ଏହାବାଦ୍ ଏହି ଫିଲ୍ମ ଜରିଆରେ ତାମିଲ୍ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବେ ଉର୍ବଶୀ ରୌତେଲା । ଆସନ୍ତା ୨୮ ତାରିଖରେ ଏହି ଫିଲ୍ମଟି ରିଲିଜ ହେବ । ହିନ୍ଦୀ, ତାମିଲ୍, ତେଲୁଗୁ, କନ୍ନଡ଼, ମାଲୟାଲମ୍ ଭାଷାରେ ଫିଲ୍ମଟି ପରଦାକୁ ଆସିବ ।

ସୂର୍ଯ୍ୟବଂଶମର ଅଭିନେତ୍ରୀ ସୌନ୍ଦର୍ଯ୍ୟାଙ୍କ ବିଷୟରେ ଏହି ସବୁ କଥା ଜାଣନ୍ତି କି ?

ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ଅଭିନୀତ ଚଳଚ୍ଚିତ୍ର ସୂର୍ଯ୍ୟବଂଶମ ୧୯୯୮ ମସିହାରେ ପରଦାକୁ ଆସିଥିଲା । ଏହି ଆଇକନିକ୍ ଚଳଚ୍ଚିତ୍ରଟି ଆଜି ମଧ୍ୟ ଦର୍ଶକଙ୍କ ବହୁତ ପସନ୍ଦ । ଅମିତାଭ ବଚ୍ଚନ ଏହି ଚଳଚ୍ଚିତ୍ରରେ ଡବଲ ରୋଲରେ ନଜର ଆସିଥିଲେ । ପୂରା ଫିଲ୍ମ ବାପା-ପୁଅ ସମ୍ପର୍କ ଉପରେ ଆଧାରିତ ଥିଲା । ଏହି ଚଳଚ୍ଚିତ୍ରରେ ଦକ୍ଷିଣ ଅଭିନେତ୍ରୀ ସୌନ୍ଦର୍ଯ୍ୟା ନିଜର ହିନ୍ଦୀ ଚଳଚ୍ଚିତ୍ର ଡେବ୍ୟୁ କରିଥିଲେ । ଏହି ଚଳଚ୍ଚିତ୍ରରେ ସେ ଅମିତାଭଙ୍କ ପତ୍ନୀ ଭୂମିକାରେ ନଜର ଆସିଥିଲେ । ତାଙ୍କୁ ଏହି ଫିଲ୍ମରେ ରାଧା ସିଂ ଭୂମିକାରେ ଦେଖିବାକୁ ମିଳିଥିଲା । ଏହି ଚଳଚ୍ଚିତ୍ରରେ ସୌନ୍ଦର୍ଯ୍ୟାଙ୍କ ଅଭିନୟ ଦର୍ଶକଙ୍କୁ ଖୁବ ପସନ୍ଦ ଆସିଥିଲା । ଏହି ଚଳଚ୍ଚିତ୍ର ସୌନ୍ଦର୍ଯ୍ୟାଙ୍କ ପ୍ରଥମ ବଲିଉଡ ଚଳଚ୍ଚିତ୍ର ଏବଂ ଶେଷ ମଧ୍ୟ ଥିଲା । ଖୁବ୍ କମ୍ ସମୟ ମଧ୍ୟରେ ସୌନ୍ଦର୍ଯ୍ୟା ଦୁନିଆରୁ ବିଦାୟ ନେଇଥିଲେ । ଅଭିନେତ୍ରୀ ହେବା ସୌନ୍ଦର୍ଯ୍ୟାଙ୍କ ସ୍ୱପ୍ନ ଥିଲା, ଯେଉଁ କାରଣରୁ ସେ ମେଡିକାଲ୍ ପାଠ ଛାଡି ଫିଲ୍ମରେ କାମ କରିବା ଆରମ୍ଭ କରିଥିଲେ । ତାଙ୍କର ଏହି ଉତ୍ସାହ ଦେଖି ତାଙ୍କ ବାପାଙ୍କ ବନ୍ଧୁ ତାଙ୍କୁ ପ୍ରଥମ ବ୍ରେକ୍ ଦେଇଥିଲେ । ସୌନ୍ଦର୍ଯ୍ୟା ୧୮ ଜୁଲାଇ ୧୯୭୨ରେ କର୍ଣ୍ଣାଟକର କୋଲାରରେ ଜଣେ ପ୍ରସିଦ୍ଧ କନ୍ନଡ ଚଳଚ୍ଚିତ୍ର ଅଭିନେତା, ଲେଖକ ତଥା ନିର୍ମାତା କେ.ଏସ୍ ସତ୍ୟନାରାୟଣଙ୍କ ଘରେ ଜନ୍ମଗ୍ରହଣ କରିଥିଲେ । ସୌନ୍ଦର୍ଯ୍ୟାଙ୍କ ପ୍ରକୃତ ନାମ ଥିଲା ସୌମ୍ୟା ସତ୍ୟନାରାୟଣ । ପିଲାଦିନରୁ ସେ ଚଳଚ୍ଚିତ୍ରକୁ ବହୁତ ଭଲ ପାଉଥିଲେ ଏବଂ ବଡ ହେବା ସହିତ ଚଳଚ୍ଚିତ୍ର ପ୍ରତି ତାଙ୍କର ପ୍ରେମ ଆହୁରି ବଢିଯାଇଥିଲା । ଯେତେବେଳେ ତାଙ୍କ ପିତାଙ୍କ ବନ୍ଧୁ ଫିଲ୍ମ 'ଗାନ୍ଧର୍ଭା' ଅଫର ଦେଇଥିଲେ ସେତେବେଳେ ସୌନ୍ଦର୍ଯ୍ୟା ମେଡିକାଲ୍ ପଢୁଥିଲେ । ହେଲେ ମଧ୍ୟ ସେ ସେହି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ ଏବଂ ତାହା ହିଟ୍ ହୋଇଗଲା । ଏହି ଚଳଚ୍ଚିତ୍ର ପରେ ସେ ରାତାରାତି ଷ୍ଟାର ପାଲଟି ଯାଇଥିଲେ । ପରେ ତାଙ୍କୁ ଅନେକ ଫିଲ୍ମର ଅଫର ମିଳିଥିଲା । ସୌନ୍ଦର୍ଯ୍ୟା ଏକମାତ୍ର ଅଭିନେତ୍ରୀ ଥିଲେ ଯିଏ ଲଗାତାର ପାଞ୍ଚ ବର୍ଷ ଧରି ଦକ୍ଷିଣର ଏକ ନମ୍ବର ଷ୍ଟାର ହୋଇ ରହିଥିଲେ । ୧୯୯୯ ଚଳଚ୍ଚିତ୍ର 'ସୂର୍ଯ୍ୟବଂଶମ' ସହିତ ସୌନ୍ଦର୍ଯ୍ୟା ହିନ୍ଦୀ ଚଳଚ୍ଚିତ୍ରରେ ଡେବ୍ୟୁ କରିଥିଲେ । ସୌନ୍ଦର୍ଯ୍ୟାଙ୍କୁ ଠିକ ଭାବରେ ହିନ୍ଦୀ ଜଣା ନଥିଲା, ତେଣୁ ରେଖା ଏହି ଚଳଚ୍ଚିତ୍ରରେ ସ୍ୱର ଦେଇଥିଲେ । ସୌନ୍ଦର୍ଯ୍ୟା ୨୦୦୪ ମସିହାରେ ବିଜେପିରେ ଯୋଗ ଦେଇଥିଲେ ଏବଂ ସେହି ବର୍ଷ ସେ ଲୋକସଭା ନିର୍ବାଚନ ପ୍ରଚାର ପାଇଁ ଏକ ବିମାନରେ ଯାତ୍ରା କରୁଥିଲେ । ବିମାନଟି ୧୦୦ ଫୁଟ ଉଚ୍ଚରେ ପହଞ୍ଚିବା ମାତ୍ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ସୌନ୍ଦର୍ଯ୍ୟା, ତାଙ୍କ ସାନଭାଇ, ତେଲୁଗୁ ଚଳଚ୍ଚିତ୍ର ନିର୍ମାତା ଅମରନାଥ, ବିଜେପି ଯୁବ ନେତା, ରମେଶ କଦମ ଦୁର୍ଘଟଣାର ଶିକାର ହୋଇଥିଲେ ଏବଂ ପ୍ରାଣ ହରାଇଥିଲେ ।



ରଣବୀରଙ୍କ ନ୍ୟୁଡ୍ ଫଟୋକୁ ପସନ୍ଦ କଲେ ରାମ ଗୋପାଲ

ଯେବେଠୁ ବଲିଉଡର ହ୍ୟାଣ୍ଡସମ୍ ହଙ୍କ ରଣବୀର ସିଂହ ନ୍ୟୁଡ୍ ଫଟୋସୁଟ୍ କରାଇଛନ୍ତି, ସେବେଠୁ ତାଙ୍କୁ ନେଇ ଚାରିଆଡେ ଚର୍ଚ୍ଚା ଲାଗି ରହିଛି । ଅନେକ ତାଙ୍କୁ ତାଙ୍କର ଏହି ଉଲଗ୍ନ ଫଟୋକୁ ନେଇ ଟ୍ରୋଲ କରୁଛନ୍ତି । ସେହିପରି ତାଙ୍କୁ ଏଥିପାଇଁ କିଛି ସମଥର୍ନ ମଧ୍ୟ କରିଛନ୍ତି । ଏବେ ଏହି ତାଲିକାରେ ଯୋଡି ହୋଇଛନ୍ତି ବଲିଉଡର ଜଣାଶୁଣା ନିର୍ଦ୍ଦେଶକ ରାମ ଗୋପାଲ ବର୍ମା । ତାଙ୍କୁ ରଣବୀରଙ୍କ ଏହି ଫଟୋ ଭାରି ପସନ୍ଦ ଆସିଛି । ଏଥିପାଇଁ ସେ ଆଗକୁ ଆସି ରବଣୀରଙ୍କ ପାଇଁ କରିଛନ୍ତି ଓକିଲାତି । କେବଳ ସେତିକି ନୁହେଁ ଟ୍ରୋଲର୍ସଙ୍କୁ ମୁହଁତୋଡ ଜବାବ ମଧ୍ୟ ଦେଇଛନ୍ତି । ରଣବୀରଙ୍କ ଏହି ନ୍ୟୁଡ୍ ଫଟୋକୁ ନେଇ ରାମ ଗୋପାଲ ବର୍ମା ଲିଙ୍ଗଗତ ସମାନତା ସହ ଯୋଡିଛନ୍ତି । ସେ କହିଛନ୍ତି, 'ଯଦି ମହିଳାମାନେ ନିଜର ସେକ୍ସି ବଡିକୁ ଦେଖାଇପାରନ୍ତି ତେବେ ପୁରୁଷମାନେ କାହିଁକି ନୁହେଁ' ଇ-ଟାଇମ୍ସକୁ ଦେଇଥିବା ଏକ ସାକ୍ଷାତକାରରେ ରାମ ଗୋପାଲ କହିଛନ୍ତି, 'ମୁଁ ଭାବୁଛି ଏହା ହେଉଛି ରଣବୀର ସିଂଙ୍କ ଲିଙ୍ଗଗତ ସମାନତା ପାଇଁ ନ୍ୟାୟ ଦାବି । ଯଦି ମହିଳାମାନେ ନିଜ ଦେହ ଦେଖାଇପାରନ୍ତି, ତେବେ ପୁରୁଷମାନେ କାହିଁକି କରିପାରିବେ ନାହିଁ ? ମହିଳାମାନଙ୍କ ପରି ପୁରୁଷମାନଙ୍କର ମଧ୍ୟ ସମାନ ଅଧିକାର ରହିବା ଉଚିତ୍ ।' କେବଳ ସେତିକି ନୁହେଁ ରଣବୀରଙ୍କ ଏହି ନ୍ୟୁଡ୍ ଫଟୋ ନିର୍ଦ୍ଦେଶକ ରାମ ଗୋପାଲଙ୍କୁ ବେଶ୍ ପସନ୍ଦ ଆସିଥିବା ମଧ୍ୟ କହିଛନ୍ତି । ରଣବୀରଙ୍କ ନ୍ୟୁଡ୍ ଫଟୋକୁ ନେଇ ସୋଶାଲ ମିଡିଆରେ ନିଆଁ ଲାଗିବା ସହ ହଙ୍ଗାମା ଜାରି ରହିଛି । ସେ ଏବେ ଟକ୍ ଅଫ୍ ଦା ଟାଉନ୍ ପାଲଟି ଯାଇଛନ୍ତି । ଏପରିକି ଅଭିନେତାଙ୍କ ନାଁରେ ମହିଳାଙ୍କ ଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗ ମଧ୍ୟ ହୋଇଛି । ଏହାକୁ ନେଇ ମୁମ୍ବାଇ ଚେମ୍ବୁର ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସେପଟେ ରଣବୀରଙ୍କ ଏହି ନଗ୍ନ ଫଟୋକୁ ନେଇ ରାଜନୀତି ମଧ୍ୟ ଆରମ୍ଭ ହୋଇଯାଇଛି ।

୬ ବର୍ଷର ଡେଟିଂ ପରେ ଅଲଗା ହେଲେ ଟାଇଗର-ଦିଶା!

୬ ବର୍ଷର ପ୍ରେମ ସମ୍ପର୍କରେ ଲାଗିଲା ଫୁଲ ଷ୍ଟପ୍ । ଅଲଗା ହେଲେ ବି-ଟାଉନ୍‌ର ଆଉ ଏକ ଲଭ୍ ବାର୍ଡ । ଅଭିନେତା ଟାଇଗର ଶର୍ଫ ଓ ଦିଶା ପଟାନୀଙ୍କ ମଧ୍ୟରେ ହେଲା ବ୍ରେକ୍ ଅପ୍ ।

ଟାଇଗର ଶର୍ଫ ଏବଂ ଦିଶା ପଟାନୀ ବି-ଟାଉନର ଲୋକପ୍ରିୟ କପଲ୍‌ମାନଙ୍କ ମଧ୍ୟରୁ ଜଣେ । ଦୁହେଁ ପରସ୍ପରକୁ ବର୍ଷ ବର୍ଷ ଧରି ଜାଣିଛନ୍ତି । ଏହା ସତ ଯେ ଉଭୟ ନିଜ ସମ୍ପର୍କକୁ ନେଇ କେବେ କ୍ୟାମେରା ଆଗରେ ସ୍ୱୀକାର କରି ନାହାନ୍ତି । କିନ୍ତୁ ତାଙ୍କ ଫ୍ୟାନ୍ସ ଜାଣନ୍ତି ଦୁହେଁ ଦୁହିଁଙ୍କୁ ଡେଟ୍ କରୁଛନ୍ତି । ସେ ପାର୍ଟି ହେଉ ଅବା କୌଣସି ଫଙ୍କସନ୍, ପ୍ରାୟତଃ ଦୁଇ ଜଣଙ୍କୁ ଏକାଠି ଦେଖିବାକୁ ମିଳେ । ହେଲେ ଏବେ ଆଉ ଦେଖିବାକୁ ମିଳିବ ନାହିଁ । ଦୁହେଁ ପରସ୍ପର ଠାରୁ ଅଲଗା ହୋଇଯାଇଥିବା ଶୁଣିବାକୁ ମିଳୁଛି ।

ଟାଇଗର ଓ ଦିଶାଙ୍କ ବ୍ରେକ୍‌ଅପ୍ ନେଇ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ହେଲେ ଦୁଇ ଜଣଙ୍କ ପକ୍ଷରୁ ଏନେଇ କୌଣସି ସୂଚନା ମିଳି ନାହିଁ । ଶୁଣିବାକୁ ମିଳିଛି କି ଗତ ଏକ ବର୍ଷ ଧରି ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା । ଯାହା ଧିରେ ଧିରେ ବଢିବାରେ ଲାଗିଲା ।

ଟାଇଗରଙ୍କ ଜଣେ ଘନିଷ୍ଠ ବନ୍ଧୁ ହିନ୍ଦୁସ୍ତାନ ଟାଇମ୍ସକୁ ଦେଇଥିବା ସାକ୍ଷାତକାରରେ କପଲଙ୍କ ଏହି ବ୍ରେକଅପ୍ ଖବରକୁ ସତ ବୋଲି କହିଛନ୍ତି । ବ୍ରେକଅପ୍ ପରେ ବି ଟାଇଗର ନିଜ କାମରେ ଏହାର କୌଣସି ପ୍ରଭାବ ପଡିବାକୁ ଦେଇ ନଥିବା ସେ କହିଛନ୍ତି । ସେ ପୂର୍ବ ଭଳି ନିଜ କାମକୁ ନେଇ ବେଶ୍ ତତ୍ପର ଅଛନ୍ତି ।

ତେବେ ଏହି ଦୁଇ ଷ୍ଟାର କପଲ୍ ଅଲଗା ହେବାର ପ୍ରକୃତ କାରଣ କ'ଣ ତାହା ଜଣା ପଡିନାହିଁ । କିନ୍ତୁ ବର୍ତ୍ତମାନ ଦୁହେଁ ଆଉ କପଲ୍ ଭାବରେ ଏକାଠି ନାହାଁନ୍ତି । ଉଭୟ ଏକାକୀ ଜୀବନ ବିତାଉଛନ୍ତି । ଟାଇଗର ଏବେ ଲଣ୍ଡନରେ ନିଜ ଅପ୍‌କମିଂ ଫିଲ୍ମର ଶୁଟିଂରେ ବ୍ୟସ୍ତ ଥିବା ବେଳେ ଦିଶା ପଟାନୀ ତାଙ୍କର ଫିଲ୍ମ 'ଏକ ଭିଲେନ୍-ରିଟର୍ଣ୍ଣ'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି ।

ଅଭିନେତାଙ୍କୁ ବାନ୍ଧିଲା ପୁଲିସ

ବନ୍ଧା ହେଲେ ଅଭିନେତା । ମଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତା ବିନୀତ ଥାଉିଲଙ୍କୁ ପୁଲିସ ଗିରଫ କରିଛି । ତାଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସିଛି । ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଥିବା ତାଙ୍କ ନାଁରେ ଅଭିଯୋଗ ହୋଇଛି । ପୁଲିସ ସୂଚନା ମୁତାବକ, ୪୫ ବର୍ଷୀୟ ଅଭିନେତା ବିନୀତଙ୍କୁ କେରଳର ଅଲ୍ଲାପୁଝାରେ ରହୁଥିବା ଏଲେକ୍ସ ନାମକ ଜଣେ ବ୍ୟକ୍ତିଙ୍କ ଉପରେ ଆକ୍ରମଣ କରିବା ଅଭିଯୋଗରେ ଗିରଫ କରାଯାଇଛି । ଜୁଲାଇ ୨୪ ତରିଖରେ ଏହି ଘଟଣା ଘଟିଥିଲା । ପୀଡିତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କେବଳ ସେତିକି ନୁହେଁ ପୁଲିସ ଅଭିନେତାଙ୍କ ଉପରେ ଆଇପିସି ଆକ୍ଟ ୩୦୮ ଜରିଆରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ମୁତାବକ, ବିନୀତ ଏଲେକ୍ସ ଠାରୁ କିଛି ଟଙ୍କା ଧାର କରି ଆଣିଥିଲେ । ଏହି ଟଙ୍କା ନେବା ପାଇଁ ଏଲେକ୍ସ ବିନୀତଙ୍କ ପାଖକୁ ଯାଇଥିଲେ । ଏହାପରେ ବିନୀତ ଟଙ୍କା ଦେବା ବଦଳରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏପରିକି ତାଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରାଯାଇଥିବା ଏଲେକ୍ସ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ବିନୀତଙ୍କୁ ପୁଲିସ ଗିରଫ କରିବା ପରେ କୋର୍ଟରେ ହାଜର କରିବ । ଅଭିନେବା ବିନୀତ ଥାଉିଲ ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ସକ୍ରିୟ ଅଭିନେତା । ସେ 'ଅୟପ୍ପନମ୍ କୋଶିୟୁମ', 'ଅଙ୍ଗମଲ୍ଲି ଡାଏରିଜ' ଓ 'ଆଡୁ-୨'ରେ ଅଭିନୟ କରିଛନ୍ତି । ଏ ସବୁ ଫିଲ୍ମ ବ୍ୟତୀତ ବିନୀତ ଅନେକ ଫିଲ୍ମରେ ମଧ୍ୟ କାମ କରିଛନ୍ତି ।

ଫସିଲେ ରାଖୀ: ପୁଲିସ କାଟିଲା ଚାଲାଣ

ଡ୍ରାମା କୁଇନ୍ ରାଖୀ ସାୱନ୍ତଙ୍କୁ ଲାଇମ୍‌ଲାଇଟ୍‌ରେ କିଭଳି ରୁହାଯାଏ, ତାହା ବେଶ୍ ଭଲଭାବେ ଜଣା । ରାଖୀ ସର୍ବଦା ନିଜ ଲୁକ୍ସ ଓ ବୟାନକୁ ଚର୍ଚ୍ଚାରେ ରୁହନ୍ତି । କିନ୍ତୁ ଏବେ ସେ ଯାହା କରିଛନ୍ତି ତାକୁ ନେଇ ତାଙ୍କ ଫ୍ୟାନ୍‌ମାନେ ନିରାଶ ହୋଇ ପଡିଛନ୍ତି । ସେ ଆଇନ ଜାଲରେ ଫସିଛନ୍ତି, ଭାଙ୍ଗିଛନ୍ତି ନିୟମ । ପୁଲିସ ତାଙ୍କ ନାଁରେ ଚାଲାଣ ମଧ୍ୟ କାଟିଛି । ଟ୍ରାଫିକ୍ ? ନିୟମ ଭାଙ୍ଗିଲେ ରାଖୀ ସାୱନ୍ତ । ତାଙ୍କ କାରକୁ ସେ ରାସ୍ତା ମଝିରେ ରଖିଥିଲେ । ଫଳରେ ତାଙ୍କ ଯୋଗୁଁ ରାସ୍ତାଟି ଜାମ ହୋଇଯାଇଥିଲା । ରାଖୀଙ୍କ ଏଭଳି କାମ ପାଇଁ ସାଧାରଣ ଜନତା ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ରାଖୀଙ୍କ ଏହି ପୂରା ଘଟଣାର ଭିଡିଓ ଏବେ ସୋସିଆଲ ଭାଇରାଲ ହେବାରେ ଲାଗିଛି ।

ଯେଉଁଥିରେ ଲୋକମାନେ ତାଙ୍କୁ ଗାଳିଗୁଳଜ କରୁଥିବା ଦେଖିବାକୁ ମିଳିଛି । ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି ଯେ, ରାଖୀ ସାୱନ୍ତ ନିଜ ଗାଡିକୁ ରାସ୍ତା ମଝିରେ ପାର୍କ କରିଦେଉଛନ୍ତି । ଏହି କାରଣରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ରାସ୍ତା ଉପରେ ପଛକୁ ପଛକ ଗାଡି ଅଟକି ରହିଛି । ଏହାକୁ ଦେଖି ରାଖୀ କହୁଛନ୍ତି, ହମ୍ ଜାହାଁ ଖଡେ ହୋତେ ହେଁ, ଲାଇନ୍ ୱହିଁ ସେ ସୁରୁ ହୋତି ହେ । ରୁକ୍ ଜାଓ ।' ଏହା କହି ରାଖୀ ସେଠାରୁ କାର ନେଇ ପଳାଇ ଯାଉଛନ୍ତି । ରାଖୀ ସାୱନ୍ତଙ୍କ ଏଭଳି କାମ ପାଇଁ ଅନ୍ଧେର ଲୋଖଣ୍ଡୱାଲା ରେସିଡେଣ୍ଟସ ଆସୋସିଏସନ୍ ପୁଲିସରେ ଅଭିଯୋଗ କରିବା ସହ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏହାପରେ ଟ୍ରାଫିକ୍ ପୁଲିସ ମଧ୍ୟ ଆକ୍ସନ ମୁଡ୍‌କୁ ଆସିଛି । ଓଶିୱାରା ଟ୍ରାଫିକ୍ ପୁଲିସ ରାସ୍ତା ଜାମ୍ କରିବା ଓ ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ଅଭିଯୋଗରେ ରାଖୀଙ୍କ କାରର ଇ-ଚାଲାଣ କାଟିଛି । ପୁଲିସର କହିବା ମୁତାବକ, ରାଖୀ ସାୱନ୍ତ ସେହି ଗାଡିର ମାଲିକ ନୁହନ୍ତି ।

ସେପଟେ ଭିଡିଓ ଭାଇରାଲ ହେବା ପରେ ସୋଶାଲ ମିଡିଆରେ ଅନେକ ୟୁଜର୍ସ ରାଖୀଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି । କିଛି ୟୁଜର୍ସ ରାଖୀଙ୍କୁ ଡ୍ରାମେବାଜ୍ କହୁଥିବା ବେଳେ ଆଉ କିଛି ପୁଲିସ ତାଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

କାହିଁକି 'ଅଲବିଦା' କହିଥିଲେ ଅଦନାନ, ନିଜେ କଲେ ଖୁଲାସା

ସସ୍‌ପେନ୍ସ ଉପରୁ ଉଠିଲା ପରଦା । କାହିଁକି ସୋଶାଲ ମିଡିଆରେ 'ଅଲବିଦା' ଲେଖିଥିଲେ ସଙ୍ଗୀତକାର ଅଦନାନ ସାମି । ତା'ର ହେଲା ଖୁଲାସା । ଏହି ଖୁଲାସା ଆଉ କେହି ନୁହେଁ ସେ ଖୋଦ୍ କରିଛନ୍ତି । ଇନ୍‌ଷ୍ଟାଗ୍ରାମରେ ଭିଡିଓ ପୋଷ୍ଟ କରି ଫ୍ୟାନ୍‌ମାନଙ୍କ ପ୍ରଶ୍ନ ଓ ଚିନ୍ତା ଦୂର କରିଛନ୍ତି ।

ନିକଟରେ ସଙ୍ଗୀତକାର ତଥା ଗାୟକ ଅଦନାନ ସାମି ନିଜ ଇନ୍‌ଷ୍ଟାଗ୍ରାମରେ 'ଅଲବିଦା' ପୋଷ୍ଟ କରିଥିଲେ । ଏଥିସହ ନିଜର ସମସ୍ତ ପୁରୁଣା ପୋଷ୍ଟକୁ ଡିଲିଟ୍ କରିଦେଇଥିଲେ । ଏହାକୁ ନେଇ ସେ ଚର୍ଚ୍ଚାକୁ ଆସିଥିଲେ । ତାଙ୍କ ଫ୍ୟାନ୍‌ମାନେ ଚିନ୍ତିତ ହୋଇପଡିଥିଲେ । ଏବେ ଏହି ସସ୍‌ପେନ୍ସ ଉପରୁ ପରଦା ଉଠାଇଛନ୍ତି ସେ । ଆଉ ପୋଷ୍ଟ କରିଛନ୍ତି ତାଙ୍କର ନୂଆ ମ୍ୟୁଜିକ ଭିଡିଓ ଆଲବମ୍, ଯାହାର ନାଁ 'ଅଲବିଦା' ରହିଛି ।

ରିଲିଜ ହୋଇଛି ଅଦନାନ ସାମିଙ୍କ ମ୍ୟୁଜିକ ଭିଡିଓ ଆଲବମ୍ 'ଅଲବିଦା' । ଏହି ଗୀତ ଜରିଆରେ ପୁଣି ଥରେ ଅଦ୍‌ନାନଙ୍କ ନୂଆ ଅନ୍ଦାଜ ଦେଖିବାକୁ ମିଳିଛି । ଦୀର୍ଘ ଦୁଇ ବର୍ଷ ପରେ ଏହା ହେଉଛି ତାଙ୍କର ପ୍ରଥମ ଗୀତ । ଏହା ଏକ ରୋମାଣ୍ଟିକ ଗୀତ ହୋଇଥିବା ବେଳେ ଲୋକଙ୍କୁ ଏହା ଖୁବ୍ ପସନ୍ଦ ଆସିଛି । ଏହି ଗୀତରେ ଅଦନାନ ସାମି ଲିଡ୍ ରୋଲରେ ଥିବା ବେଳେ ତାଙ୍କ ଅପୋଜିଟ୍‌ରେ ସାରା ଖଡ୍ରି ଅଛନ୍ତି ।

ଏହି ଗୀତକୁ ନେଇ ଅଦ୍‌ନାନ କହିଛନ୍ତି, 'ମୋର ସମସ୍ତ ପ୍ରଶଂସକ ଓ ଦର୍ଶକଙ୍କ ପାଇଁ ଏହି ଗୀତ, ଯିଏ ବର୍ଷ ବର୍ଷ ଧରି ମୋତେ ନିଜ ସମର୍ଥନ ଓ ପ୍ରେମ ଦେଇଛନ୍ତି । ଏହି ଗୀତ ମୋ ପାଇଁ ଅତ୍ୟନ୍ତ ସ୍ୱତନ

ଏନ୍‌ଏଚ୍‌ଆଇ ଆଂଚଳିକ ଅଧିକାରୀଙ୍କୁ ଭେଟିଲେ ଅନୁଗୋଳ ଓ ଢେଙ୍କାନାଳ ବିଜେପି ପ୍ରତିନିଧି ମଣ୍ଡଳୀ

ଏନ୍‌ଏଚ୍-୫୫ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଦାବି

ଭୁବନେଶ୍ୱର,୨୮/୦୭ (ନି.ପ୍ର): ଅନୁଗୋଳ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ-୫୫ (ପୁରୁଣା ଏନ୍‌ଏଚ୍-୪୨) କଟକ-ସମ୍ବଲପୁର-ଅନୁଗୋଳ-ଢେଙ୍କାନାଳ ସେକ୍ସନର ନିର୍ମାଣ କାର୍ଯ୍ୟକୁ ଅବିଳମ୍ବେ ଶେଷ କରିବା ପାଇଁ ବୁଧବାର ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ଏକ ବିଜେପି ପ୍ରତିନିଧି ମଣ୍ଡଳୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚ୍‌ଏଆଇ)ର ଆଂଚଳିକ ଅଧିକାରୀ ରାମପ୍ରସାଦ ପଣ୍ଡାଙ୍କୁ ଭେଟି ଆଲୋଚନା କରିବା ସହ ଦାବି ପତ୍ର ଦେଇଛନ୍ତି ।

ପ୍ରତିନିଧି ମଣ୍ଡଳୀର ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ପ୍ରତାପ ପ୍ରଧାନ ମିଳିତଭାବେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏନଏଚ୍-୫୫ ସେକ୍ସନର ବଅଁରପାଳରୁ ରନ୍ତଲେଇ ରାସ୍ତାର ମରାମତି ପାଇଁ ଏନ୍‌ଏଚ୍‌ଏଆଇ ତରଫରୁ ପଦକ୍ଷେପ ନିଆଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ବୈଠକରେ ଉକ୍ତ ରାସ୍ତାର ମରାମତି ପାଇଁ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ) ପାଣ୍ଠିରୁ ଟଙ୍କା ଖର୍ଚ୍ଚ କରାଯିବ ବୋଲି ପ୍ରଶାସନ ଏନଏଚ୍‌ଆଇକୁ ପ୍ରତିଶ୍ରୁତି ଦେଇଥିଲା । ତେବେ ଗତ ଡିସେମ୍ବର ମାସରୁ ରାସ୍ତାର ମରାମତି ଦାୟିତ୍ୱ ଜିଲ୍ଲା ପ୍ରଶାସନ ନିଜ ଆଡୁ ଡିଏମ୍‌ଏଫ ପାଣ୍ଠିରୁ ଖର୍ଚ୍ଚ କରିବା ପାଇଁ ଦାୟିତ୍ୱ ନେଇଥିଲା । ମାତ୍ର ରାସ୍ତା ମରାମତି ପାଇଁ ୮କୋଟି ଅର୍ଥ ଖର୍ଚ୍ଚ ହୋଇଥିଲେ ସୁଦ୍ଧା ରାସ୍ତାର ଅବସ୍ଥା ଆହୁରି ଖରାପ ହୋଇଛି । ଆଜି ଏନଏଚ୍‌ଏଆଇ ଅଧିକାରୀଙ୍କୁ ଭେଟି ଏବିଷୟରେ ଅବଗତ କରିବା ପରେ କଟକରୁ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତାର ମରାମତି କାର୍ଯ୍ୟ ଶୀଘ୍ର କରାଯିବ ବୋଲି ଏନଏଚଏଆଇ ଆଂଚଳିକ ଅଧିକାରୀ ରାମପ୍ରସାଦ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି ।

ଜାତୀୟ ରାଜପଥ-୫୫ ପୂର୍ବ ଓଡ଼ିଶା ଏବଂ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଛି । ଅନୁଗୋଳ ଓ ଢେଙ୍କାନାଳ ଦେଇ ଯାଉଥିବା କଟକରୁ ସମ୍ବଲପୁର ନିର୍ମାଣାଧିନ ଏନଏଚ୍-୫୫ ଅନେକ ଶିଳ୍ପଭିତିକ ସହର, କୃଷିକେନ୍ଦ୍ର ଏବଂ ମହତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ ଦେଇ ଯିବ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ଏପ୍ରିଲ ୨୬ତାରିଖରେ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ନୂଆଦିଲ୍ଲୀଠାରେ ବ୍ୟକ୍ତିଗତଭାବେ ଭେଟି ଏସମ୍ପର୍କିତ ଏକ ପତ୍ର ଦେବା ସହ ଆଲୋଚନା କରିଥିଲେ । ଗତ ବର୍ଷ ଅକ୍ଟୋବର ୫ତାରିଖରେ ମଧ୍ୟ ପତ୍ର ଲେଖି ଓଡ଼ିଶାର ସାମାଜିକ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ଏନ୍‌ଏଚ-୫୫ କାର୍ଯ୍ୟକୁ ଶୀଘ୍ର ସାରିବା ପାଇଁ ତାଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଥିଲେ । ୨୦୧୮ ଡିସେମ୍ବରରେ ଏନ୍‌ଏଚ-୫୫ର ଶିଳାନ୍ୟାସ ହୋଇଥିବାବେଳେ ୨୦୨୦ ସେପ୍ଟେମ୍ବର ସୁଦ୍ଧା ନିର୍ମାଣ କାମ ଶେଷ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହି ପ୍ରତିନିଧି ମଣ୍ଡଳୀ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ବିଭୂତି ପ୍ରଧାନ, ଅଶୋକ ମହାନ୍ତି, ଶତ୍ରୁଘ୍ନ ଜେନା, ଦୀପକ ଗୋଛାୟତ, ଅନୁପମା ସାହୁ, ସୁଦୀପ ଗଡନାୟକ, ଦିଲ୍ଲୀପ ଦାସଙ୍କ ସମେତ ଅନ୍ୟାନ୍ୟ ନେତୃତ୍ୱମାନେ ସାମିଲ ଥିଲେ ।

ମଧ୍ୟାହ୍ନ ଭୋଜନ ଦୁର୍ନୀତିର କ୍ରାଇମବ୍ରାଂଚ ତଦନ୍ତ କରାଯାଉ : ମୋହନ ମାଝୀ

ଭୁବନେଶ୍ୱର,୨୮/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଏବଂ ବିଭାଗୀୟ ଅଧିକାରୀମାନଙ୍କ ଜ୍ଞାତସାରରେ ମଧ୍ୟାହ୍ନ ଭୋଜନରେ ବ୍ୟାପକ ମାତ୍ରାରେ ଚଂଚକତା ଓ ଦୁର୍ନୀତି କରାଯାଉଛି । କୋରାପୁଟ, ନୂଆପଡା, ବଲାଙ୍ଗୀର ଜିଲ୍ଲା ସମେତ ଅନ୍ୟାନ୍ୟ ସ୍ଥାନରୁ ପିଏମ-କିଷାନ ତଥା ମଧ୍ୟାହ୍ନ ଭୋଜନରେ ବ୍ୟାପକ ଦୁର୍ନୀତି ହେଉଥିବାର ଦୃଶ୍ୟ ସାମ୍ନାକୁ ଆସିଛି ବୋଲି ବିରୋଧୀ ଦଳ ନେତା ମୋହନ ମାଝୀ କହିଛନ୍ତି । ମଧ୍ୟାହ୍ନ ଭୋଜନ ଦୁର୍ନୀତିର ତଦନ୍ତ ଭାର କ୍ରାଇମବ୍ରାଂଚ ଦ୍ୱାରା କରାଯିବା ସହିତ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ ରାଜ୍ୟ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମାଝୀ ଦାବୀ କରିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମାଝୀ କହିଛନ୍ତି ଯେ, ମଧ୍ୟାହ୍ନ ଭୋଜନ ପାଇଁ ବିଦ୍ୟାଳୟମାନଙ୍କୁ ଆସୁଥିବା ୫୦ କେଜିର ଚାଉଳ ବସ୍ତାରେ ସଠିକ ପରିମାଣର ଚାଉଳ ଆସୁ ନାହିଁ । ପ୍ରତ୍ୟେକ ବସ୍ତାରେ ପାଖାପାଖି ୪-୫ କେଜି ଚାଉଳ ନିଅଂଟ ରହୁଛି । ଗତ ୧୫ ତାରିଖରେ କୋରାପୁଟ ଜିଲ୍ଲା ଜୟପୁର ଅଂଚଳର ପାରାବେଡା, ବିମଳା ଓ ଡଗରଚିଂଛି ପ୍ରାଥମିକ ବିଦ୍ୟାଳୟକୁ ଆସିଥିବା ଚାଉଳ ବସ୍ତାକୁ ଓଜନ କରାଯିବା ସମୟରେ ସମସ୍ତ ବସ୍ତାରେ ୪-୫ କେଜିକି ଚାଉଳ କମ୍ ଥିବାର ଜଣାପଡିଥିଲା । ଚାଉଳ ଯୋଗାଣକାରୀ ଠିକା ସଂସ୍ଥା, ବିଭାଗୀୟ ଅଧିକାରୀଙ୍କ ସଂପୃକ୍ତି ଏବଂ ତାଙ୍କ ଭିତରେ ଥିବା ମଧୁଚନ୍ଦ୍ରିକାର ସ୍ପଷ୍ଟ ପ୍ରମାଣ ସହ ଅଭିଯୋଗ ସତ୍ତ୍ୱେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସାଧାରଣରେ ବହୁ ସନ୍ଦେହ ସୃଷ୍ଟି କରିଛି । ବିଜେପିର ଚାପ ପରେ ହରଡଘଣାରେ ପଡିଯାଇଥିବା ରାଜ୍ୟ ସରକାର "ମାର୍ ମାର୍ ଭଣ୍ଡାରିଆକୁ ମାର୍" ନୀତି ଆପଣାଇ ସିଆରସିସି ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଗଲେ; କିନ୍ତୁ ସଂପୃକ୍ତ ଠିକାଦାର, ଠିକାଦାର ସଂସ୍ଥା, ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ଘଟଣାକୁ ହାଲୁକା କରିବାକୁ ଯାଇ ସିଆରସିସି, ଶିକ୍ଷକ ଏବଂ ଡାଟା ଏଂଟ୍ରି ଅପରେଟରମାନଙ୍କୁ ଅନ୍ୟତ୍ର ବଦଳି କରି ଅସଲ କାରଣକୁ ଚାପି ଦେବାର ଅପପ୍ରୟାସ କରାଯିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଶ୍ରୀ ମାଝୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ତଥା ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ମୁକେଶ ମହାଲିଙ୍ଗ, ଭବାନୀ ଭୋଇ, ନିତ୍ୟାନନ୍ଦ ଗଣ୍ଡ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌତମ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ

ଭୁବନେଶ୍ୱର,୨୮/୦୭ (ନି.ପ୍ର): ନୂଆଦିଲ୍ଲୀ ଶାସ୍ତ୍ରଭବନ ସ୍ଥିତ ଶିକ୍ଷା ମନ୍ତ୍ରଣାଳୟରେ ନୀତି ଆୟୋଗ ଉପାଧ୍ୟକ୍ଷ ଡା. ସୁମନ କେ ବେରୀ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ୍ କରିଛନ୍ତି । ଏହି ବୈଠକରେ ଜାତୀୟ ଶିକ୍ଷା ନୀତି-୨୦୨୦ ଯୋଜନାବଦ୍ଧ କ୍ରିୟାନ୍ୱୟନ ଏବଂ କେନ୍ଦ୍ରୀୟ ଏବଂ ରାଜ୍ୟ ସ୍ତରରେ ଏହାର ପ୍ରସ୍ତୁତି ଉପରେ ଆଲୋଚନା ହୋଇଛି । ସେହିପରି ଭବିଷ୍ୟତର ଶିକ୍ଷାଦାନ, ପାଠପଢ଼ା, ସମସାମୟିକ ଦକ୍ଷତା ବିକାଶ ଏବଂ ନବସୃଜନ ଓ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରାଯାଇଥିବା ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

ଏହି ଆଲୋଚନା କାଳରେ ଡକ୍ଟର ବେରୀ ନୀତି ଆୟୋଗ ଦ୍ୱାରା ସମ୍ବନ୍ଧୀୟ ସମସ୍ତ ପ୍ରସ୍ତୁତି କାର୍ଯ୍ୟକ୍ରମ ଗୁଡ଼ିକର ବିବରଣୀ ଉପରେ ଆଲୋକପାତ କରିଛନ୍ତି । ନୀତି ଆୟୋଗଙ୍କ ଦ୍ୱାରା ନିକଟରେ ପ୍ରକାଶିତ "ଇଣ୍ଡିଆ ଇନୋଭେସନ୍ ଇଣ୍ଡେକ୍ସ" ରିପୋର୍ଟ ବିଷୟରେ ଡା. ବେରୀ ମାନ୍ୟବର କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ବୈଠକରେ ଏକ ଜ୍ଞାନ ଆଧାରିତ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ନବସୃଜନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଅଟଳ ଇନୋଭେସନ୍ ମିଶନ୍ ମାଧ୍ୟମରେ ବିଦ୍ୟାଳୟରୁ ଶିଳ୍ପ କାରଖାନା ଯାଏଁ ନବସୃଜନକୁ ପ୍ରୋତ୍ସାହିତ କରିବାରେ ନୀତି ଆୟୋଗଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ସେହିପରି ଦେଶରେ ଉତ୍ପାଦନ କ୍ଷେତ୍ରରେ ନବସୃଜନ ଏବଂ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରି ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଏହି ସାକ୍ଷାତକାରରେ ଡକ୍ଟର ବେରୀ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଆସନ୍ତା ଅଗଷ୍ଟ ୭ ତାରିଖରେ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଥିବା ନୀତି ଆୟୋଗର 'ପରିଚାଳନା ପରିଷଦ'ର ସପ୍ତମ ବୈଠକରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଥିଲେ । ଏହି ବୈଠକରେ ନୀତି ଆୟୋଗର ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧ୍ୟକ୍ଷତା କରିବେ । ଦେଶର ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ପ୍ରମୁଖ କେନ୍ଦ୍ରମନ୍ତ୍ରୀ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ସର୍ବୋଚ୍ଚ ସ୍ତରରେ ଏକ ବ୍ୟାପକ ସହମତି ଭିତ୍ତିରେ ବିଭିନ୍ନ ଯୋଜନା ଉପରେ କ୍ରିୟାନ୍ୱୟନ ପାଇଁ ଏକ ରୋଡମ୍ୟାପ୍ ଏବଂ ଫଳାଫଳ ଆଧାରିତ ଯୋଜନା ଚୂଡ଼ାନ୍ତ କରାଯିବ ।

ଖୋର୍ଦ୍ଧାଠାରେ ଉଜ୍ଜ୍ୱଳ ଭାରତ – ଉଜ୍ଜ୍ୱଳ ଭବିଷ୍ୟ ଶକ୍ତି - ୨୦୪୭ ସମାରୋହ ଆୟୋଜିତ

ଭୁବନେଶ୍ୱର,୨୮/୦୭ (ନି.ପ୍ର): ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଉଛି । ଏହାର ଅଂଶବିଶେଷ ସ୍ୱରୂପ ଭାରତ ସରକାର ଶକ୍ତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ "ଉଜ୍ଜ୍ୱଳ ଭାରତ – ଉଜ୍ଜ୍ୱଳ ଭବିଷ୍ୟ ଶକ୍ତି ଅ୨୦୪୭" ସମାରୋହ ଆୟୋଜିତ ହେଉଛି । ବୁଧବାର ଦିନ ଖୋର୍ଦ୍ଧା ଟାଉନ ହଲ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ମନୋଜ ପାଢ଼ୀ, ଖୋର୍ଦ୍ଧା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦୀଗନ୍ତ ରାଉତରାୟ, ଖୋର୍ଦ୍ଧା ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ କନକଲତା ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଖୋର୍ଦ୍ଧା ବ୍ଲକ୍ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ପାତ୍ର, ଜଟଣୀ ପୌରପାଳିକା ଅଧ୍ୟକ୍ଷ ଅନନ୍ତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶକ୍ତି କ୍ଷେତ୍ରରେ ଦେଶର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧିକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । କାର୍ଯ୍ୟକ୍ରମ ଅବସରରେ ଶକ୍ତିର ଆବଶ୍ୟକତା ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା । ସ୍ୱାଧୀନତା ପରେ ବିଦ୍ୟୁତ ଶକ୍ତି କ୍ଷେତ୍ରରେ ହୋଇଥିବା ପ୍ରଗତି ବିଷୟରେ ସୂଚନା ଦିଆଯାଇଥିଲା । ଏହି ଅବସରରେ ବିଦ୍ୟୁତ ଶକ୍ତି ସଂରକ୍ଷଣ, ଉପଭୋକ୍ତା ଅଧିକାର, ପ୍ରତ୍ୟେକ ଘରକୁ ବିଦ୍ୟୁତ ସଂଯୋଗ, ଭବିଷ୍ୟତ ପାଇଁ ଶକ୍ତି ସଂରକ୍ଷଣ ଏବଂ ଅକ୍ଷୟ ଶକ୍ତି ଉତ୍ସ ସମ୍ପର୍କରେ ଉପଭୋକ୍ତାମାନଙ୍କୁ ସଚେତନ କରାଯାଇଥିଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଆଜି ବି ରାଜ୍ୟରେ ହଜାରେ ଉପରେ ଦୈନିକ ସଂକ୍ରମଣ

ଭୁବନେଶ୍ୱର,୨୮/୦୭ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ସାମାନ୍ୟ କମିଛି । ତେବେ ଏହା ହଜାରେ ଉପକୁ ରହିଛି । ଗତକାଲି ୧୧୭୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦୩୦ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୬୦୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪୨୭ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୧୭୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ସବୁ ୨୭ଟି ଜିଲ୍ଲାରୁ ୧୦୩୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୨୨୭ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩, ବାଲେଶ୍ୱର ଜିଲ୍ଲାରୁ ୨୩ ଜଣ, ବରଗଡ଼ରୁ ୨୨, ଭଦ୍ରକରୁ ୧୧ ଜଣ, ବଲାଙ୍ଗୀରରୁ ୩୫ ଜଣ, ବେ ?ଦ୍ଧରୁ ୧୨ ଜଣ, କଟକରୁ ୫୦ ଜଣ, ଦେବଗଡ଼ରୁ ୯ ଜଣ, ଢେଙ୍କାନାଳରୁ୩, ଗଜପତିରୁ ୭ ଜଣ, ଜଗତସିଂହପୁରରୁ ୭ ଜଣ, ଯାଜପୁରରୁ ୧୯ ଜଣ, ଝାରସୁଗୁଡ଼ାରୁ ୨୧ ଜଣ, କଳାହାଣ୍ଡି ଜିଲ୍ଲାରୁ ୨୬ ଜଣ, କନ୍ଧମାଳରୁ ୨୩ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୭ ଜଣ, କେଉଁଝରରୁ ୧୩, ଖୋର୍ଦ୍ଧା ଜିଲ୍ଲାରୁ ୧୬୪, କୋରାପୁଟ ଜିଲ୍ଲାରୁ ୧୭ ଜଣ, ମୟୂରଭଞ୍ଜରୁ ୧୧୦ ଜଣ, ନୟାଗଡ଼ ଜିଲ୍ଲାରୁ ୨୦ ଜଣ, ନୂଆପଡ଼ାରୁ ୧୧ ଜଣ, ପୁରୀରୁ ୧୦ ଜଣ, ରାୟଗଡ଼ାରୁ ୧୮ ଜଣ, ସମ୍ବଲପୁରରୁ ୭୭ ଜଣ, ସୋନପୁରରୁ ୩୯ ଜଣ, ସୁନ୍ଦରଗଡ଼ରୁ ୨୨୭ ଜଣ ଓ ଷ୍ଟେଟପୁଲରୁ ୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ସୌର ଜଳନିଧି ଯୋଜନାରେ ସୋଲାର ପମ୍ପସେଟ୍ ସ୍ଥାପନ ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର,୨୮/୦୭ (ନି.ପ୍ର): ସୌର ଜଳନିଧି ଯୋଜନାରେ ରାଜ୍ୟର ଚାଷୀମାନଙ୍କୁ ଜଳସେଚନର ସୁବିଧା ନିମନ୍ତେ ସୋଲାର ପମ୍ପସେଟ୍ ସ୍ଥାପନର ଅଗ୍ରଗତିର ଏକ ସମୀକ୍ଷା ବୈଠକ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ଆଜି କୃଷି ଭବନରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ୨୦୧୮-୧୯ ବର୍ଷରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାର ସର୍ବତମ ସ୍ଥିତି ବିଷୟରେ ସମୀକ୍ଷା କରିବା ଅବସରରେ ଧାର୍ଯ୍ୟ ଲକ୍ଷ୍ୟକୁ ଶୀଘ୍ର ପୂରଣ କରି ଚାଷୀମାନଙ୍କୁ ଜଳସେଚନର ସୁବିଧା ଉପଲବ୍ଧ କରାଇବା ପାଇଁ ବିଭାଗୀୟ ଅଧିକାରୀ ଓ ଚୁକ୍ତିଭୁକ୍ତ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଓରେଡାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬ଟି ଚୁକ୍ତିଭୁକ୍ତ କମ୍ପାନୀ ମାଧ୍ୟମରେ ରାଜ୍ୟରେ ସୋଲାର ପମ୍ପସେଟ୍ ସ୍ଥାପନ କରାଯାଇଛି । ନ୍ୟୂନତମ ୦.୫ ଏକର ଚାଷ ଜମି ଥିବା ଓ କୂଅ/ଫାର୍ମପଣ୍ଡ କିମ୍ବା ନିକଟସ୍ଥ ଚେକ୍ ଡ୍ୟାମ୍ ରୁ ପାଣିନେବାର ସୁବିଧାଥିବା ଚାଷୀମାନଙ୍କୁ ସୋଲାର ପମ୍ପସେଟ୍ ସ୍ଥାପନ ନିମନ୍ତେ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ରାଜ୍ୟର ଆଭ୍ୟନ୍ତରୀଣ ଜିଲ୍ଲାରେ ଡିସି ମଟର ସୋଲାର ପମ୍ପସେଟ୍ ବଦଳରେ ଏସି ମଟର ପମ୍ପସେଟ୍ ସ୍ଥାପନର ସୁବିଧାକୁ ଅନୁଧ୍ୟାନ କରିବା ପାଇଁ ଆବଶ୍ୟକ ବୈଷୟିକ ପରାମର୍ଶ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୌର ଜଳନିଧି ଯୋଜନାରେ ସୋଲାର ପମ୍ପସେଟ୍ ସ୍ଥାପନ ନିମନ୍ତେ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ ।

ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ସଂଜୀବ ଚୋପ୍ରା, ସ୍ୱତନ୍ତ୍ର ଶାସନ ସଚିବ ସଂଜୀବ କୁମାର ଚଢ଼ା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଓଡ଼ିଶା କୃଷି ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକ, ବିଭାଗୀୟ ମୁଖ୍ୟ ଯନ୍ତ୍ରୀ, (କୃଷି) ରାଜେନ୍ଦ୍ର ବେଶ୍ରା, ଓରେଡାର ଯୁଗ୍ମ ନିର୍ଦ୍ଦେଶକ ବୈଷୟିକ ସମ୍ମିତା ପଟ୍ଟନାୟକଙ୍କ ସମେତ ଉଠାଜଳସେଚନ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

ବି.ପି.ଇଡି ,

ଦ୍ୱାରସୁଣୀ ଘାଟିରେ ହେବାକୁ ଥିବା ହରତାଳ କାର୍ଯ୍ୟକ୍ରମ ସ୍ଥଗିତ

ବାରିପଦା, ୨୮/୦୭ (ନି.ପ୍ର): ମୟୂରଭଂଜ ଜିଲ୍ଲାର ୪୯ ନମ୍ବର ଜାତୀୟ ରାଜପଥରେ ଥିବା ଦୁଆରଶେଣୀ ଘାଟିରାସ୍ତାର ପ୍ରଶ୍ୱସ୍ତି କରଣ ଦାବୀରେ ଭଂଜସେନା ତରଫରୁ ଆସନ୍ତା ତା୨୮/୭/୨୦୨୨ ରିଖ ଦିନ ବାଙ୍ଗିରିପୋଷି-ଦ୍ୱାରଶୁଣି ଘାଟି ରାସ୍ତା ଉପରେ ହେବାକୁ ଥିବା ୪୮ ଘଣ୍ଟିଆ ହରତାଳର ଡାକରା ସ୍ଥଗିତ ରଖା ଯାଇଥିବାର ଜଣା ଯାଇଛି । ଆଜି ଘାଟିରାସ୍ତା ବାବଦରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଅଛି ।ଉକ୍ତ ବୈଠକର ନିଷ୍ପତିକ୍ରମେ ଆଜିଠାରୁ ଆମ୍ବୁଲେନ୍ସ ସେବା ଆରମ୍ଭ ହେବା ସହ ଦୁଇ ଦିନ ଭିତରେ ପୋଲିସ ଆଉଟପୋଷ୍ଟ ନିର୍ମାଣ ହେବା, ଆରମ୍ଭ ହେଇଥିବା ରାସ୍ତା ରିପ୍ୟାରିଙ୍ଗ କାମ ଯୁଧକାଳୀନ ଭିତିରେ କରାଯିବା ଏବଂ ନିକଟରେ ଘାଟି ରାସ୍ତାରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ ରେଡ୍‌କ୍ରସ ତରଫରୁ ଅନୁକମ୍ପା ରାଶିପ୍ରଦାନ ଓ ଜିଲ୍ଲା ପ୍ରଶାସନ ତରଫରୁ ରାଜ୍ୟସରକାରଙ୍କୁ ଅନୁକମ୍ପା ରାଶି ପ୍ରଦାନ ଲିଖିତ ଭାବରେ ଦିଆଯିବା ନେଇ ପ୍ରତିଶ୍ରୁତି ଦିଆଯାଇଅଛି ଏବଂ ଆଲୋଚନା ପରେ ଆଗାମୀ କାଲିର ହରତାଳ କାର୍ଯ୍ୟକ୍ରମକୁ ସାମୂହିକ ଭାବେ ସ୍ଥଗିତ ରଖାଯାଇଛି ବୋଲି ଭଂଜସେନା ପକ୍ଷରୁ ଜଣାଯାଇଅଛି । ଆଜିର ଏହି ବୈଠକରେ ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରୁଦ୍ରନାରାୟଣ ମହାନ୍ତିଙ୍କ ସମେତ ମୟୁରଭଂଜ ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ମୟୁରଭଂଜ ଆରଟିଓ ଗୋପାଳକୃଷ୍ଣ ଦାସ, ଏସଡିପିଓ କେ.କେ. ହରିପ୍ରସାଦ, ଆଇ ଆଇ ସି ବିରେନ୍ଦ୍ର ସେନାପତି ଏବଂ ଭଂଜସେନା ପ୍ରତିନିଧି ମଣ୍ଡଳୀର ଉପାଧକ୍ଷ ନିମାଇଁ ତ୍ରିପାଠୀ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଓବିସି ସେଲ ସଭାପତି ରାକେଶ ବେହେରା, ଆଦିବାସୀ ସେଲ ସଭାପତି ବାଜୁନ ହାଁସଦା, ଭଂଜସେନା ଜିଲ୍ଲା ଉପସଭାପତି ସନ୍ତୋଷ ଗିରି, ବାରିପଦା ଉପଖଣ୍ଡ ସାଧାରଣ ସମ୍ପାଦକ ମନୋରଂଜନ ବାରିକ, ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତି, ସଂଜୀବ ଗିରି, ବଙ୍କେସ ସେଠି, ଶୁଭ୍ରାଂଶୁ ଦାସବାବୁ ଓ ପଙ୍କଜ କରଣ ପ୍ରମୁଖ ଉପସ୍ଥିତ ଥିଲେ ।

କୃଷି ବିଭାଗର ଖର୍ଚ୍ଚଦାବି ପାରିତ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୬୬୪୬,୧୧,୬୯,୦୦୦ ଟଙ୍କାର ଖର୍ଚ୍ଚ ଦାବି ବିଧାନସଭାରେ ଆଲୋଚନା ପରେ ପାରିତ ହୋଇଛି । ଗୁରୁବାର ଅପରାହ୍ନ ବୈଠକରେ ବିଭାଗୀୟ ଖର୍ଚ୍ଚଦାବି ଆଲୋଚନା ପାଇଁ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରସ୍ତାବ ଆଗତ କରିଥିଲେ । ଖର୍ଚ୍ଚଦାବି ଆଲୋଚନା ବେଳେ ମନ୍ତ୍ରୀ କହିଛନ୍ତି ଯେ ବଜେଟ୍ ର କଳେବର ବଢିଛି । ଗତଥର ଠାରୁ ଏଥରର ବଜେଟ୍ ୨୧% ଅଧିକ ରହିଛି । ଏଥର ବଜେଟ୍ ରେ କୃଷି ଏବଂ ଉଦ୍ୟାନ କୃଷି ପାଇଁ ୮ଟି ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି । ଏକ୍ଷେତ୍ରରେ ମହିଳାମାନଙ୍କୁ ଯୋଡିବା, କଷ୍ଟ କଟିଂ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

ସମସ୍ତ ବ୍ଲକରେ ପଂଜୀକରଣ ଅଫିସ ଖୋଲା ଯିବାର କୌଣସି ନିୟମ ନାହିଁ : ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

ଭୁବନେଶ୍ୱର, ୨୮/୦୭ (ନି.ପ୍ର): ସମସ୍ତ ବ୍ଲକରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲା ଯିବାର କୌଣସି ନିୟମ ନାହିଁ। ତେବେ ଜନସାଧାରଣଙ୍କ ସୁବିଧା ନିମନ୍ତେ କିଛି ତହସିଲରେ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲା ଯିବାର ପ୍ରସ୍ତାବ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି । ବିଧାୟକ ରଘୁରାମ ପାତାଳଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲିକ ଏହି ସୂଚନା ଦେଇଛନ୍ତି ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଜଳେଶ୍ୱର, ୨୮/୭(ନି.ପ୍ର): ଜଳେଶ୍ୱର ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନ ମେଳା ଆଜି ଦିବସ ବ୍ୟାପି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୫୦ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ସେଥିରୁ ଶିଶୁ ବର୍ଗରୁ ୨, ବାଲ ବର୍ଗରୁ ୧ ଓ କିଶୋର ବର୍ଗରୁ ୧ ପ୍ରକଳ୍ପ ସଂକୁଳ ସ୍ତରୀୟ ଜ୍ଞାନବିଜ୍ଞାନ ମେଳାକୁ ଯିବାଲାଗି ଚଳୟନ କରାଯାଇଛି । ଏହା ବ୍ୟତିତ ପ୍ରଶ୍ନ ମଂଚ ଦ୍ୱାରା ୨୭ଜଣ, ଗଣିତ ପ୍ରୟୋଗ ଓ ବିଜ୍ଞାନ ପ୍ରୟୋଗରେ ୪ଜଣ ଏବଂ ପତ୍ର ବାଚନ ପକ୍ଷରୁ ୩ଜଣ ସଂକୁଳ ସ୍ତରୀୟ କାର୍ଯ୍ୟକ୍ରମକୁ ବଛା ଯାଇଥିବାର ପ୍ରଧାନ ଗୁରୁଜୀ ପ୍ରକାଶ କରିଛନ୍ତି । ଆୟୋଜିତ ସଭାରେ ପ୍ରଧାନ ଗୁରୁଜି ରାଧାରଂଜନ ବାଗ ସଭାପତିତ୍ୱ କରୁଥିବା ବେଳେ ମୁଖ୍ୟ ଅତିଥିଭାବେ ଗୌରଶଂକର ଦାସ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମୀକା ରହିଥିବା କହିଥିଲେ । ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି ଯୋଗ ଦେଇ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଓ ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ସଂପର୍କରେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମକୁ ଜୟନ୍ତ ଦାସ, ସୁଚିସ୍ମିତା ପଟ୍ଟାୟତ, ଉମାଶଂକର ପାଳ, ରଣଜିତ୍ ସାହୁ, ସମୀର ପରିଡା, ଅରବିନ୍ଦ ଘୋଷ, ବିନ୍ଦାଧର ମହାନ୍ତି, ରାଜଲକ୍ଷ୍ମୀ ସିଂହ, ନରହରି ବେହେରା, ସ୍ୱୟଂପୂର୍ଣ୍ଣା ଦେବଶ୍ରୀ ଚାନ୍ଦ ପ୍ରମୁଖ ପରିଚାଳନା କରିଥିଲେ । ବିଚାରକ ଭାବେ ହରିପଦ ସିଂହ, ଦେବିଦତ୍ତ ବାରିକ ଓ ଗୌରୀ ଶଂକର ଦାସ ଯୋଗ ଦେଇଥିଲେ ।

ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ହେପାଟାଇଟିସ ଦିବସ ପାଳନ

କେନ୍ଦ୍ରାପଡ଼ା,୨୮/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ହେପାଟାଇଟିସ ଦିବସ ପାଳନ ହୋଇ ଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅନିତା ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଦିବସରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ମିର୍ଜା ବାବର ବେଗ ହେପାଟାଇଟିସ ରୋଗର ଲକ୍ଷଣ ଓ ନିରାକରଣ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ହେପାଟାଇଟିସ ଏକ ଭୂତାଣୁ ଜନିତ ରୋଗ । ଏବିସିଡି ଓ ଇ ହେପାଟାଇଟିସ ମଧ୍ୟରୁ ବି ଓ ସି ମାରାତ୍ମକ ଭାବେ ପରିଗଣିତ ହୋଇଥାଏ । ହେପାଟାଇଟିସ ବିରେ ଆକ୍ରାନ୍ତ ହୋଇ ଗର୍ଭବତୀ ମହିଳାଙ୍କ ସର୍ବାଧିକ ମୃତ୍ୟୁ ଘଟିଥାଏ । ଏଥି ସହିତ ଯକୃତ କ୍ୟାନସରରେ ପିଡିତ ହୋଇ ରୋଗୀର ମୃତ୍ୟୁ ହୋଇଥାଏ । ଏହି ରୋଗରେ ଅନ୍ଧ ବିଶ୍ୱାସ ନକରି ସରକାରୀ ଚିକିତ୍ସାଳୟରେ ମାଗଣା ପରୀକ୍ଷା ଓ ଚିକିତ୍ସା କରାଇବା ପାଇଁ ଡାକ୍ତର ସଚିତାନନ୍ଦ ମିଶ୍ର ମତବ୍ୟକ୍ତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିପିଏମ ଗୀତାଞ୍ଜଳି ଦାଶ, ସତ୍ୟ ନାରାୟଣ ସିଂହ, ଭାରତୀ ସ୍ୱାଇଁଙ୍କ ସମେତ ଏଏନ୍‌ଏମ୍‌ର ଛାତ୍ରୀମାନେ ଉପସ୍ଥିତ ଥିଲେ । ସଭା ଶେଷରେ ଶାନ୍ତିଲତା ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ସାଇ ହାୟାର ସେକେଣ୍ଡାରୀ ସ୍କୁଲର ଯୁକ୍ତ ୨ ପରୀକ୍ଷାରେ ସଫଳତା

ବାରିପଦା, ୨୮/୦୭ (ନି.ପ୍ର): ଚଳିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁଷ୍ଠିତ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଜ୍ଞାନ ବିଭାଗରେ ସାଇ ହାୟାର ସେକେଣ୍ଡାରୀ ସ୍କୁଲକୁ ବେଶ ସଫଳତା ମିଳିଛି । ବିଦ୍ୟାଳୟର ମୋଟ ୧୩୫ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୧୨୫ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବାର ଜଣା ଯାଇଛି । ଛାତ୍ରୀ ସାଇସଂଗୀତା ଆଧେକ ୫୪୧ ନମ୍ବର ୯୦.୧୬ ଶତକଡା ରଖି ଥିବା ବେଳେ, ସ୍ୱାଗତ କୁମାର ମହାନ୍ତ ୫୩୮ ନମ୍ବର ୮୯.୬୬ ଶତକଡା, ଚନ୍ଦନେଶ୍ୱର ସୋରେନ ୫୩୩ ନମ୍ବର ୮୮.୮୩ ଶତକଡା ନମ୍ବର ରଖି ଛନ୍ତି । ବିଦ୍ୟାଳୟର ୧୨ ଜଣ ୫୦୦ ରୁ ଅଧିକ ନମ୍ବର ରଖିଥିବା ବେଳେ, ୧୯ ଜଣ ୮୦ ପ୍ରତିଶତ ଉପରେ ନମ୍ବର ରଖିଛନ୍ତି । ବିଦ୍ୟାଳୟର ଏହି ସଫଳତା ପାଇଁ ନିର୍ଦ୍ଦେଶକ ଅମୀୟ ଶଂକର ସାହୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତ ଥା ଛାତ୍ରଛାତ୍ରୀ ଏବଂ ଅଭି ଭାବକ ମାନଙ୍କୁ ଶୁଭେଚ୍ଛାଜ୍ଞାପନ କରିଛନ୍ତି ।

ଡାକ୍ତର ହେବେ ପ୍ରଭାତି

ଖଇରା, ୨୮/୦୭ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ମହାବିଦ୍ୟାଳୟର ଛାତ୍ରୀ ପ୍ରଭାତି ପ୍ରଧାନ +୨ ବିଜ୍ଞାନରେ ୫୫୬ ନମ୍ବର ରଖି ଖଇରା ବ୍ଲକ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଜଣେ ସଫଳ ଡାକ୍ତର ହେବା ତାଙ୍କର ଲକ୍ଷ । ଦିନକୁ ସେ ଦିନକୁ ପାଖାପାଖି ୧୦ଘଣ୍ଟା ପରିଶ୍ରମ କରୁଥିଲେ । ପ୍ରଭାତିଙ୍କ ଘର ଖଇରା ବ୍ଲକ ତୁଙ୍ଗୁରା ପଞ୍ଚାୟତ ଅଧୀନ ରଘୁନାଥପୁର ଗ୍ରାମରେ । ସେ ତାଙ୍କର ଏହି ସଫଳତାର ଶ୍ରେୟ ବାପା କମଳାକାନ୍ତ ମା ଗିତାଞ୍ଜଳୀ ସମେତ ଖଇରା ସାଇ ଟିଉଟୋରିଆଲର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି । ଚଳିତ ବର୍ଷ ଖଇରା ମହାବିଦ୍ୟାଳୟ +୨ ବିଜ୍ଞାନରେ ୧୨୫ଜଣ ଙ୍କ ମଧ୍ୟରୁ ୧୧୪ଜଣ ପ୍ରଥମ ଶ୍ରେଣୀ,୮ଜଣ ଦ୍ୱିତୀୟ ଶ୍ରେଣୀ ଓ ୩ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି ।

୮ଘଣ୍ଟା ପରିଶ୍ରମ କରୁଥିଲେ ବର୍ଷାରାଣୀ

ଖଇରା, ୨୮/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟର +୨ ବାଣିଜ୍ୟରେ ଫଳ ଶତପ୍ରତିଶତ ହୋଇଛି । ମୋଟ ୧୧୪ଜଣ ପରୀକ୍ଷା ଦେଇଥିବା ବେଳେ ୬୮ଜଣ ପ୍ରଥମ ଶ୍ରେଣୀ,୩୦ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୬ଜଣ ତୃତିୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି । ଏହି ବିଭାଗର ଛାତ୍ରୀ ବର୍ଷାରାଣୀ ବେହେରା ୫୩୮ ନମ୍ବର ହାସଲ କରି ବ୍ଲକ ଟପ୍ପର ହୋଇଛନ୍ତି । ତାଙ୍କ ଘର ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଝାଟିଆ ଗ୍ରାମରେ ହୋଇଥିବା ବେଳେ ସଫଳତାର ଶ୍ରେୟ ଅଧ୍ୟକ୍ଷ ଅରୁଣ କୁମାର ପାଢୀ,ବାଣିଜ୍ୟ ବିଭାଗ ଅଧ୍ୟାପକ ଯୁଗଳ କିଶୋର ଗାହାଣ ଙ୍କୁ ପ୍ରଦାନ କରିଛନ୍ତି । ସେ ଏହି ସଫଳତା ପାଇଁ ୮ଘଣ୍ଟା ପରିଶ୍ରମ କରୁଥିଲେ । ଟାଟାର୍ଡ ଏକାଉଣ୍ଟ ହେବା ତାଙ୍କର ଲକ୍ଷ ରଖିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ବିଧାନସଭାରେ ଅଧୀର ....

ବିଜେପିର ହଙ୍ଗୋଳ ପାଇଁ ଅପରାହ୍ନ ୪ଟା ଯାଏଁ ଗୃହ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି । ବିଧାନସଭା ବାହାରେ ମଧ୍ୟ ବିଜେପି ଫ୍ଲାକାଡ଼ ଧରି ବିବାଦୀୟ ମନ୍ତବ୍ୟକୁ ବିରୋଧ କରିଛନ୍ତି ।

ରାଜ୍ୟରେ ଦୁର୍ବଳ....

ବରଗଡ଼, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ସୋନପୁର ଓ ନୟାଗଡ଼ ପ୍ରଭୃତି ୧୮ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୧୮ଟି ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୨୯ରୁ ୩୦ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି, ଗଂଜାମ, ନୟାଗଡ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ଯାଜପୁର, ବାଲେଶ୍ୱର, ଭଦ୍ରକ ଓ ଦେବଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅର୍ପିତାଙ୍କ ଘରେ ପୁଣି ୨୯ କୋଟି ....

ଟଙ୍କା ଗଣି ଗଣି ଅଧିକାରୀମାନେ ହାଲିଆ ହୋଇଯାଇଥିଲେ । ପାର୍ଥ ଚାଟାର୍ଜୀଙ୍କ ଜଣେ ଦ୍ୱିତୀୟ ମହିଳା ବନ୍ଧୁଙ୍କୁ ନେଇ ବି ଚର୍ଚ୍ଚା ଜୋର ଧରିଛି । କୁହାଯାଉଛି ଏହି ମହିଳାଙ୍କ ଘରେ ବି ପାର୍ଥ ଟଙ୍କା ରଖୁଥିଲେ । ତେବେ ଏହି ମହିଳା କିଏ ତାହା ସାମ୍ନାକୁ ଆସିନାହିଁ । ଇଡି ଅଧିକ ଖୋଳତାଡ ଆରମ୍ଭ କରିଛି । ସେପଟେ ଶିକ୍ଷକ ନିଯୁକ୍ତି ନେଇ ବିରୋଧୀଙ୍କ କଡା ସମାଲୋଚନା ପରେ ପଶ୍ଚିମବଙ୍ଗ କ୍ୟାବିନେଟରୁ ପାର୍ଥ ଚାଟାର୍ଜୀଙ୍କୁ ହଟାଇ ଦେଇଛନ୍ତି ମମତା ବାନାର୍ଜୀ । ସ୍ଥିତି ବିଗୁଡୁଥିବା ଦେଖି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର କ୍ୟାବିନେଟ ବୈଠକ ଡକାଇଥିଲେ । ପାର୍ଥଙ୍କ ନିକଟରେ ବର୍ତ୍ତମାନ ଶିଳ୍ପ ବିଭାଗ ରହିଥିଲା । ଏଥିସହ ସୂଚନା, ପ୍ରସାରଣ, ବାଣିଜ୍ୟ ବିଭାଗ ସମ୍ଭାଳୁଥିଲେ । ଏହି ସମସ୍ତ ବିଭାଗ ମନ୍ତ୍ରୀଙ୍କ ହାତରୁ ଛଡାଇ ନେଇଛନ୍ତି ମୁଖ୍ୟମନ୍ତ୍ରୀ । ସେପଟେ ଶିକ୍ଷକ ନିଯୁକ୍ତି ମାମଲାରେ ଅର୍ପିତାଙ୍କ ଆଉ ଏକ ଘରେ ବି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢାଉ କରିଛି । ତେବେ ଏଠାରୁ କଣ ଜବତ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ବର୍ତ୍ତମାନ ସୁଦ୍ଧା ଅଭିନେତ୍ରୀ ଅର୍ପିତାଙ୍କ ଘରୁ ୫୦ କୋଟିରୁ ଅଧିକ ଟଙ୍କା ଜବତ ହୋଇସାରିଲାଣି । ପାର୍ଥ ଚାଟାର୍ଜୀ ଓ ଅର୍ପିତାଙ୍କ ଇଡି ଅଗଷ୍ଟ ୩ ଯାଏଁ ନିଜ ହେପାଜତକୁ ନେଇଛି । ସେମାନଙ୍କୁ ମୁହାଁମୁହିଁ ଜେରା କରାଯାଉଛି ଆଉ ଦୁର୍ନୀତିର ଚେର ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି ।

ଅକ୍ଟୋବର ୧୬ରେ ....

ବାବୁସାନଙ୍କ ପତ୍ନୀ ତୃପ୍ତି ଖାରବେଳନଗର ଥାନାରେ ଦେଇଥିବା ଏଫଆଇଆରରେ ପ୍ରକୃତି ବାବୁସାନଙ୍କୁ ଟଙ୍କା ବଦଳରେ ଡ୍ରଗ୍ସ ଯୋଗାଇ ଦେଉଥିବା କଥା ଉଲ୍ଲେଖ କରିଥିଲେ । ଏଫଆଇଆରରେ ତୃପ୍ତି ଲେଖିଥିଲେ, ପ୍ରକୃତି ମିଶ୍ର ନିଜର କ୍ୟାରିୟରକୁ ଆଗକୁ ନେବା ପାଇଁ ଓ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ, ତାଙ୍କ ସ୍ୱାମୀ ବାବୁସାନଙ୍କୁ ମଦ ଓ ଗଞ୍ଜେଇ ଭଳି ନିଶା ଯୋଗାଇ ଦେଉଥିଲେ । ଯାହାଫଳରେ ସେ ୨୪ଘଂଟା ନିଶାରେ ବୁଡି ରହୁଥିଲେ ।

ମିଡିଆକୁ ସକର୍ତ୍ତବାଣୀ ଶୁଣାଇଲେ....

ପାଖରେ ନିର୍ଦ୍ଦିଷ୍ଟ ସୀମା ରହିଛି। କିଏ ଏହି ନ୍ୟୁଜ ସବୁ ଏଠାରୁ ବାହାରକୁ ଦେଉଛି ? ଅନଲାଇନରେ ମୁଁ ନ୍ୟୁଜ ଦେଖିଲା ବେଳକୁ ବିଚାରପତି ଶୁଣାଣିକୁ ବିଳମ୍ବିତ କରୁଥିବା ଲେଖାଯାଇଛି। ଗତଥର ଜଣେ ବିଚାରପତି କୋଭିଡରେ ଆକ୍ରାନ୍ତ ଥିବାରୁ ମାମଲାର ଶୁଣାଣି କରାଯାଇ ପାରି ନଥିଲା। ସେ ଯାହା ବି ହେଉ, ଆମେ ଶୁଣାଣି ପାଇଁ ଏହାକୁ ତାଲିକାଭୁକ୍ତ କରୁଛୁ। ନ ହେଲେ ପୁଣି ଗୋଟିଏ ନ୍ୟୁଜ ରିପୋର୍ଟ ପ୍ରକାଶ ପାଇବ।" ବରିଷ୍ଠ ଆଇନଜୀବୀ କୋଲିନ ଗୋନସାଲଭେସ ଜୁନ୍ ମାସରେ ସୁପ୍ରିମକୋର୍ଟର ଅବକାଶକାଳୀନ ବେଞ୍ଚ ନିକଟରେ ଗୋଟିଏ ଆବେଦନ ଦାଖଲ କରିଥିଲେ। ଏଥିରେ ସେ କହିଥିଲେ ଯେ ଖ୍ରୀଷ୍ଟିଆନ ଅନୁଷ୍ଠାନଗୁଡ଼ିକ ଉପରେ ପ୍ରତି ମାସରେ ୪୫ରୁ ୫୦ ଥର ଆକ୍ରମଣ କରାଯାଉଛି। ଏହି ସଂଖ୍ୟା ଏବେ ବଢ଼ିଲାଣି। ତେଣୁ ଖ୍ରୀଷ୍ଟିଆନମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସେ ଦାବି କରଥିଲେ।

ନିତି ଆୟୋଗ ଉପାଧକ୍ଷଙ୍କ....

ତରଫରୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଏକ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ରାଜ୍ୟରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସଫଳତା ଉପରେ ଆଲୋକପାତ କରିଥିଲେ । ନିତି ଆୟୋଗର ଉପାଧକ୍ଷ ଏବଂ ସଦସ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟଗୁଡ଼ିକର ସଫଳତାକୁ ନେଇ ପ୍ରଶଂସା କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ବିକାଶମୂଳକ କାର୍ଯ୍ୟ ନିମନ୍ତେ ନିଆଯାଉଥିବା ଉଦ୍ୟମଗୁଡ଼ିକୁ ସେମାନେ ନିରୀକ୍ଷଣ କରିବା ସହ ସଫଳତା ନିମନ୍ତେ ଆଶ୍ୱାସନା ଦେଇଥିଲେ । ସନ୍ଧ୍ୟାରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ଏବଂ ଦିଲ୍ଲୀଠାରେ ଆସନ୍ତା ଅଗଷ୍ଟ ୭ ତାରିଖରେ ହେବାକୁ ଥିବା 'ନିତି ଆୟୋଗର ସପ୍ତମ ପରିଚାଳନା ପରିଷଦ ବୈଠକ'କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲେ । ତା'ପରେ ଉପାଧକ୍ଷ ଓ ସଦସ୍ୟ ଭୁବନେଶ୍ୱରସ୍ଥ ଓଡ଼ିଶା କ୍ରାଫ୍ଟ ମ୍ୟୁଜିୟମ୍ 'କଳାଭୂମି' ପରିଦର୍ଶନ କରିଥିଲେ ।

ଏଣିକି ୧୭ ବର୍ଷ ବୟସରେ....

ପୂରଣ କରିଥିବା ଜଣେ ଯୁବକ ଭୋଟର ଆଇଡି ପାଇଁ ଆବେଦନ କରିପାରୁଥିଲେ। କିନ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଷର ଜାନୁଆରୀ ୧ ପରେ ୧୮ ବର୍ଷରେ ପାଦ

JOGENDRA

HIGHER SECONDARY SCHOOL
ANKO , RUPSA , BALASORE

AFFLIATED TO CHSE ,ODISHA.
RECOGNISED BY GOVT. OF ODISHA

+2 SCIENCE & ARTS

ସ୍ୱାଃ ବିଦ୍ୟା ଯା ବିମୁକ୍ତୟେ

OUR PRIDE & C.H.S.E ACHIEVERS-2022

SPECIAL ATTRACTION FOR JEE & MEDICAL ENTRANCE

Contact- 9938532252
9668019719
9937533095
8658401006

(100%1ST CLASS)

ADMISSION OPEN
ADMISSION OPEN

Mail us-jrcrupsa@gmail.com

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo